

Source: Author, Digitized by PPRACHIN, SOA

ଚନ୍ଦନ ଚକୁଳି

ସହନଶୀଳତା ଉପରେ ଆଧାରିତ
ଶିଶୁ ଓ କିଶୋର ଉପନ୍ୟାସ



ଡକ୍ଟର କୃତ୍ତିବାସ ନାୟକ

(ଜାତୀୟ ପୁରସ୍କାରପ୍ରାପ୍ତ ଲେଖକ)

ଅରୁଣ-ତରୁଣ

ISBN No.-81-901015-0-7

Source: Author. Digitized by PPRACHIN, SOA

ଚନ୍ଦନ ଚକୁଳି

ରଚନା :
ଡକ୍ଟର କୃତ୍ତିବାସ ନାୟକ



CHANDAN - CHAKULI

(The best children's Literature on Tolerance)

Author :
• DR. KRUTTIBAS NAYAK
National Award Winner Writer

Publisher :
Arun Tarun
Children's Literature Dev. Society
(Regd. No. K-2627. 66/96-97)
Jagda, P.O.: Jhirpani, Raurkela - 42
Ph. : 0661-570704
1st Edition - 1999

Price : Rs. 10/-

Source: Author, Digitized by PPRACHIN, SOA

ଚନ୍ଦନ ଚକୁଳି

ଏଇ କେତେଦିନ ହେଲା, ଚନ୍ଦନ କାହିଁକି ଭାରି ଅନ୍ୟମନସ୍କ ରହୁଛି । ଆଗଭଳି ସାଙ୍ଗ ପିଲାଙ୍କ ସାଥିରେ ଖେଳିବାକୁ ବ୍ୟସ୍ତ ହେଇ ପଡୁନାହିଁ । ଭଲ ଜିନିଷ ପାଇଁ ବାପାଙ୍କ ପାଖରେ ଅଳି କରୁନାହିଁ କି' ଖାଇଲା ବେଳେ ମାଆଙ୍କୁ ବିରକ୍ତ କରୁନାହିଁ । ପଢ଼ା ବହିଟାକୁ ଖୋଲି, ମୁଣ୍ଡ ତଳକୁ କରି କେତେ କ'ଣ ଭାବୁଛି । ତା'ର ଏ' ଢ଼ଙ୍ଗ ଦେଖି ସାନ ଭଉଣୀ ବନ୍ଦନା ଭାରି ଏକୁଟିଆ ଅନୁଭବ କରୁଛି । ଚନ୍ଦନର ହୋଇଛି କ'ଣ ? କେହି ଜାଣନ୍ତି ନାହିଁ । ତା'ର ଏଭଳି ହଠାତ୍ ପରିବର୍ତ୍ତନ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

ଚନ୍ଦନ ଭଳି ଚଲାଖ ଆଉ ଚଞ୍ଚଳ ପିଲାର ଏ' ସବୁ ଢ଼ଙ୍ଗ ତା' ବାପା ସଦାନନ୍ଦବାବୁଙ୍କୁ ମୋଟେ ଭଲ ଲାଗୁ ନଥାଏ । ସେ ପୁଅର ଗତିବିଧି ଲକ୍ଷ୍ୟ କରି ଅସଲ କାରଣଟାକୁ ଖୋଜୁଥାଆନ୍ତି ।

ସେଦିନ ଚନ୍ଦନ ସ୍କୁଲରୁ ଫେରି ଆସି ବହି-ବସ୍ତାନିକୁ ବିଛଣା ଉପରେ ପକେଇ ଦେଇ ସିଧା ଗ୍ବଲିଲା -- ଗାଆଁ ପାଖରେ ଥିବା ଲଣ୍ଡା ପାହାଡ଼ ଉପରକୁ । ଏଣେ ମାଆ ଜଳଖିଆ ବାଢ଼ି ତାକୁ ଅପେକ୍ଷା କରି ଥାଆନ୍ତି । ସଦାନନ୍ଦ ବାବୁ ଘରେ ପହଞ୍ଚି ସବୁ କଥା ଜାଣିଲେ । ସେ ଚନ୍ଦନକୁ ଖୋଜି ଖୋଜି ଯାଇ ଦେଖିଲେ -- ଲଣ୍ଡା ପାହାଡ଼ର ଖଣ୍ଡେ ବଡ଼ ପଥର ଉପରେ ଏକୁଟିଆ ଚନ୍ଦନ ବସି କ'ଣ ଭାବି ଗ୍ବଲିଛି । 'ଚନ୍ଦନ !' ବାପାଙ୍କ ଡାକରେ ସେ ଚମକି ପଡ଼ିଲା ।

ସଦାନନ୍ଦ ବାବୁ ଚନ୍ଦନ ପାଖରେ ବସି ପଡି ତା' ପିଠିକୁ ଆଉଁସି ପକାଇ କହିଲେ -- "କିରେ ଚନ୍ଦନ ! ତୋର କ'ଣ ହେଇଛି ? କିଏ ତୋତେ କିଛି

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

କହିଛି ନା' କିଛି ଭୁଲ୍ କାମ କରି ଦେଇଛୁ ?? ସବୁ କଥା ମୋତେ ସତ କରି କହ । ମୁଁ ତୋତେ ମୋଟେ ମାରିବି ନାହିଁ, କିମ୍ବା ଗାଳି ଦେବି ନାହିଁ । ବରଂ ତୋ ସମସ୍ୟାର ସମାଧାନ କରିବାରେ ତୋତେ ସାହାଯ୍ୟ କରିବି ।''

ଚନ୍ଦନ ବଲବଲ କରି ବୋକାଙ୍କ ପରି ବାପାଙ୍କ ମୁହଁକୁ ଚାହିଁ ରହିଥାଏ । ତା' ଆଖିରେ ଲୁହ ଜକେଇ ଆସୁଥାଏ । ମନ ଭିତରର କୋହ ସମ୍ଭାଳି ନପାରି ସେ ଭୋ କରି କାନ୍ଦି ପକାଇଲା । ସଦାନନ୍ଦ ବାବୁ ଚନ୍ଦନକୁ କୋଳକୁ ଟାଣିନେଇ ତା' ପିଠିକୁ ଆଉଁସି ଦେଲେ । ପୁଣି ସାହସ ଦେଇ ପଚାରିଲେ- ''କହ ଚନ୍ଦନ ! କ'ଣ ହୋଇଛି ? ତୋର କିଛି ଅସୁବିଧା ହେବନାହିଁ । ସବୁ ସତ କଥା ଖୋଲାଖୋଲି ଭାବରେ ମୋତେ କହ । ମୁଁ ସେ କଥା ବୁଝିବି ।''

ବାପାଙ୍କ ଠାରୁ ସାହସ ପାଇ ଚନ୍ଦନ ଲୁହ ପୋଛି କହିଲା – ''ବାପା ! ମୁଁ ଆଉ ସ୍କୁଲକୁ ଯିବି ନାହିଁ । ମୋତେ ସାଙ୍ଗ ପିଲାମାନେ ଚକୁଳି-ଚକୁଳି କହି ଚିଡ଼ଉଛନ୍ତି । ଦିଦିଙ୍କ ପାଖରେ ଅଭିଯୋଗ କରିବାରୁ ସେମାନେ ମୋତେ ମାଡ ଦେବାକୁ ଧମକ ଦେଉଛନ୍ତି । ମୁଁ ଆଉ ସେ ସ୍କୁଲକୁ ଯିବି ନାହିଁ ।''

ଚନ୍ଦନର କଥା ଶୁଣି ସଦାନନ୍ଦ ବାବୁ କଥାଟାକୁ ହାଲୁକା କରି ଦେବାକୁ ହସି ଦେଇ କହିଲେ -- ''ଆରେ ବାପା ! ଇଏ ଗୋଟାଏ କଥା ? ଏଇଥିପାଇଁ ତୁ ଏତେ ଚିନ୍ତା କରୁଛୁ ?? ଛି-ଛି, ତୁ ପରା କହୁଥିଲୁ, ବଡ଼ ହୋଇଗଲେ, ସୈନିକ ହେବୁ ବୋଲି ? ପିଲାଙ୍କର ଏଇ ଥଟ୍ଟା, ମଜା-କୌତୁକ କଥାରେ ତୁ ଏମିତି ବ୍ୟସ୍ତ ହେଲେ ଚଳିବ ??

-- ଆଚ୍ଛା ଚନ୍ଦନ ! ମୋତେ ଆଗ କହିଲୁ, ପିଲାମାନେ ତୋତେ କାହିଁକି ଏମିତି ଚିଡ଼ଉଛନ୍ତି ?''

ଆଖିରେ ଥିବା ବଳକା ଲୁହକୁ ପୋଛୁ ପୋଛୁ ଚନ୍ଦନ କହିଲା -- ''ଆମ ଶ୍ରେଣୀର ପ୍ରକାଶ, ବିକାଶ ଆଉ ସନ୍ତୋଷ ଭାରି ଦୁଷ୍ଟାମି କରନ୍ତି । ପାଠପଢ଼ା ବେଳେ ପାଟିତୁଣ୍ଡ କରି ଦିଦିଙ୍କ ଠାରୁ କାନମୋଡ଼ା ବି ଖାଆନ୍ତି । ସେଥିରେ ତାଙ୍କୁ ଲାଜ ଲାଗେ ନାହିଁ । କେବେ କେବେ ପ୍ରଧାନ ଶିକ୍ଷକ ତାଙ୍କୁ ସ୍କୁଲ ବାରଣ୍ଡାରେ

Source: Author, Digitized by PPRACHIN, SOA

ଆଣେଇ ଦିଅନ୍ତି । ତଥାପି ସେମାନେ ତାଙ୍କର ଦୁଷ୍ଟାମି ଛାଡ଼ନ୍ତି ନାହିଁ । ନିଜେ ତ ପାଠ ପଢ଼ନ୍ତି ନାହିଁ । ଅନ୍ୟମାନଙ୍କୁ ମଧ୍ୟ ପଢ଼ିବାକୁ ଦିଅନ୍ତି ନାହିଁ । ମାଡ଼ଗୋଳ, ଝଗଡ଼ା କରିବାକୁ ସେମାନେ ସବୁବେଳେ ପ୍ରସ୍ତୁତ ହୋଇ ରହିଥା'ନ୍ତି । ଟିକେ ଟିକେ କଥାରେ ଗଣ୍ଡଗୋଳ କରନ୍ତି ।''

ଚନ୍ଦନ କଥା ଶୁଣି ସଦାନନ୍ଦ ବାବୁ ଅବାକ ହୋଇ ଯାଇଥାଆନ୍ତି । ତାଙ୍କ ପାଟିରୁ ବାହାରି ପଡ଼ିଲା, -- ''ଆରେ ବାବା, ସେମିତିକା ପିଲାଙ୍କ ଠାରୁ ତ ଦୂରେଇ ରହିବା କଥା ।''

ଚନ୍ଦନ କହିଲା -- ''ହଁ ବାପା ଶୁଣ, ଯେଉଁ ପିଲାମାନେ ଘରୁ ଜଳଖିଆ ଆଣିଥାନ୍ତି, ତାକୁ ଏମାନେ ଜବରଦସ୍ତ କରି ଖାଇ ଯାଆନ୍ତି ।''

ଚନ୍ଦନର କଥା ମଝିରେ ସଦାନନ୍ଦ ବାବୁ ପଗ୍ଚରିଲେ-- ''ସେମାନେ ତ ଦୁଷ୍ଟପିଲା । ଦୁଷ୍ଟାମି ତାଙ୍କର କାମ । ତୋତେ କାହିଁକି ଚକୁଳି ଚକୁଳି ବୋଲି ଚିଡ଼ାନ୍ତି, ସେ କଥା ତ କହିଲୁ ନାହିଁ ?''

ଚନ୍ଦନ କହିଲା -- ''ଆମ ଶ୍ରେଣୀର ପିଲାମାନେ ଟିଫିନ୍ ବାକ୍ସରେ ବଢ଼ିଆ ଜଳଖିଆ ଧରି ଆସନ୍ତି । କିଏ ରସଗୋଲା ଆଣେ ତ କିଏ ବରା, ବିସ୍କୁଟ, କେକ୍, ଖଜା ।

ଦିନେ ଆମ ବିଜ୍ଞାନ ଶିକ୍ଷକ ପାଠ ପଢ଼ାଉ ପଢ଼ାଉ କହିଥିଲେ -- 'ପିଲାମାନେ ! ମିଠା ଜିନିଷ ଗୁଡାକ ପାଟିକୁ ସିନା ସୁଆଦିଆ; କିନ୍ତୁ ଦେହ ପାଇଁ ଭାରି କ୍ଷତିକାରକ । ଯେତେ କମ୍ ମିଠା ଖାଇବ, ଦେହ ସେତେ ଭଲ ରହିବ । ମୁଁ ସେଦିନ ଘରକୁ ଆସି ମା'ଙ୍କୁ କହିଲି, ମୋତେ ଆଉ ଅଧିକ ମିଠା ଜିନିଷ ଖାଇବାକୁ ଦେବ ନାହିଁ ।' ତା' ପରଦିନ ଠାରୁ ମାଆ ମୋତେ ସବୁ ଚକୁଳି ପିଠା ତିଆରି କରି ଟିଫିନ୍ ବାକ୍ସରେ ଦିଅନ୍ତି । ତାକୁ ମୁଁ ଖାଇବା ଛୁଟିରେ ଖାଇଦିଏ ।

ଦିନେ ବିକାଶ ମୋ ଟିଫିନ୍ ବାକ୍ସକୁ ଲୁଚେଇ ନେଇ ତାର ଦୁଷ୍ଟ ସାଙ୍ଗ ପ୍ରକାଶକୁ ଦେଇଦେଲା । ସେମାନେ ଚକୁଳି ପିଠାକୁ କାଢ଼ି ଶ୍ରେଣୀର ସବୁ ପିଲାଙ୍କୁ ଦେଖାଇ ମୋତେ ଥଟ୍ଟା କରିବାକୁ ଲାଗିଲେ । ସେହିଦିନ ଠାରୁ ପିଲାମାନେ

Source: Author, Digitized by PPRACHIN, SOA

ମୋତେ ଚକୁଳି ଚକୁଳି କହି ଚିଡ଼ଉଛନ୍ତି । ଦୁଷ୍ଟ ପିଲାଙ୍କ ଭୟରେ ଅନ୍ୟ ପିଲାମାନେ କେହି ମୋ ସାଙ୍ଗ ହେଉ ନାହାନ୍ତି ।''

ଚନ୍ଦନ ଠାରୁ ସବୁ କଥା ଶୁଣିସାରି ସଦାନନ୍ଦ ବାବୁ ହସି ଦେଇ କହିଲେ -- ''ଆରେ ବାୟା ! ଏଇଥି ପାଇଁ ତୁ ଏତେ ବ୍ୟସ୍ତ ହେଉଛୁ ? ଛି-ଛି । ଚାଲ୍, ଘରକୁ ଯିବା । ମାଆ ତେଣେ ଜଳଖିଆ ପ୍ରସ୍ତୁତ କରି ଆମକୁ ଅପେକ୍ଷା କରିଥିବେ । ଆଗ ଜଳଖିଆ ତକ ଖାଇଦେବା । ତାପରେ ତୋତେ ଗୋଟାଏ ମଜା କଥା କହିବି । ଦେଖିବୁ ରହ, ସବୁ ଠିକ୍ ହେଇଯିବ । ଚିଡ଼ଉଥିବା ପିଲାମାନେ ଏକାଥରେ ଚୁପ୍ ହୋଇଯିବେ । ଶେଷରେ ତୋର ହେବ ଜିତାପଟ ।''

ବାପାଙ୍କ ଠାରୁ ସାହସ ପାଇ ଚନ୍ଦନର ମନ ହାଲୁକା ହୋଇଗଲା । ତାର ଶୁଖିଲା ମୁହଁରେ ହସ ଫୁଟି ଉଠିଲା । ପଥର ଉପରୁ ଉଠିପଡ଼ି ସେ କହିଲା -- ''ବାପା ! ଘରକୁ ତ ଯିବା । ଆଗ ମୋତେ ସେ ମଜା କଥାଟି କୁହ ।''

ସଦାନନ୍ଦ ବାବୁ ଠିଆ ହୋଇପଡ଼ି ଏଣିକି ତେଣିକି ଚାହିଁ କହିଲେ -- ''ମଜା କଥାଟି କହିବା ପୂର୍ବରୁ ଆଗ ମୁଁ ଗୀତ ପଦିଏ ଗାଇକି ତୋତେ ଶୁଣାଉଛି । ତାକୁ ଶୁଣି ତୁ ସବୁଦିନ ପାଇଁ ମନେ ରଖିଥିବୁ । ଦେଖିବୁ -- ସେହି ଗୀତ ପଦକ ତୋତେ ପ୍ରତ୍ୟେକ ମୁହୂର୍ତ୍ତରେ ସାହସ ଆଣି ଦେଉଥିବ । କାହାରି ଥଟ୍ଟା-ପରିହାସ, ଟାହି-ଟାପରା ତୋତେ ସାମାନ୍ୟ ମାତ୍ର ଅସ୍ଥିର କରି ପାରିବ ନାହିଁ । ଏ' ଗୀତଟିକୁ ଆମର ପଲ୍ଲୀକବି ନନ୍ଦ କିଶୋର ବଳ ଲେଖିଛନ୍ତି । ହଉ ଗୀତ ପଦଟା ଶୁଣ --

''କହିବା ଲୋକ ତ ମହତ ନୁହଁଇ --
ମହତ ସହିବା ଜନ,
ସହିଷ୍ଣୁତା ହୀନ ବାଳକ ବାଳିକା --
କ୍ରୋଧେ ହୁଅନ୍ତି ଅଜ୍ଞାନ ।''

ଏଇ ଗୀତ ପଦକର ଅର୍ଥ ହେଲା -- ଥଟ୍ଟା-ପରିହାସ କରୁଥିବା ଲୋକ କିମ୍ବା ଅନ୍ୟର ସୁଖ-ଶିରୀକୁ ସହିପାରୁ ନଥିବା ଲୋକ କେବେ ବଡ଼ ହୋଇ ପାରନ୍ତି ନାହିଁ । ତାଙ୍କର ଭବିଷ୍ୟତ ଅନ୍ଧକାର । କାରଣ, ସେମାନଙ୍କୁ ଭଲ କାମ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

କରିବାକୁ କିମ୍ବା ସମାଜର ମଙ୍ଗଳ କଥା ଭାବିବାକୁ ସମୟ ମିଳେ ନାହିଁ । ବରଂ ମୂଲ୍ୟବାନ ସମୟକୁ ସେମାନେ ବୃଥାରେ ଅପଚୟ କରି ପରେ ଅନୁତାପ କରନ୍ତି । ସେହିଭଳି ଲୋକଙ୍କ କଥାକୁ ଶୁଣି ଯିଏ ଭାଙ୍ଗିପଡ଼େ, ସେ ମଧ୍ୟ ଉଚ୍ଚକୁ ଉଠିପାରେ ନାହିଁ । ଯେମିତି ତୁ ଆଜି ଦୁଷ୍ଟପିଲାଙ୍କ ଥଟ୍ଟା-ପରିହାସକୁ ସହି ନପାରି କହୁଛୁ -- 'ଆଉ ସ୍କୁଲକୁ ଯିବି ନାହିଁ ।' ଏଥିରେ କାହାର କ୍ଷତି ହେବ, କହିଲୁ ?''

ଚନ୍ଦନ ଏକ ଲୟରେ ବାପାଙ୍କ କଥାକୁ ଶୁଣୁଥିଲା । ସେ କହିଲା -- ''ସେମାନେ ଶ୍ରେଣୀରେ ମୋତେ ସବୁବେଳେ ବିରକ୍ତ କରୁଛନ୍ତି । ରଗାଇବା ପାଇଁ ଚନ୍ଦନ ବୋଲି ନଡାକି ଚକୁଳି ଚକୁଳି ବୋଲି ଡାକୁଛନ୍ତି । ମୁଁ କେମିତି ଚୁପ୍ ହୋଇ ରହିବି ଯେ ?''

ସଦାନନ୍ଦ ବାବୁ ଚନ୍ଦନର ମନର କଥାକୁ ଠିକ୍ ଭାବରେ ବୁଝି ପାରିଲେ । ତାଙ୍କର ପାଦ ଘର ଆଡ଼କୁ ଆଗେଇ ଚାଲିଥାଏ । ତାଙ୍କ ଆଗରେ ଦିଶିଲା -- ଲଣ୍ଡା ପାହାଡ଼ର ସବୁଠୁ ଉଚ୍ଚ ଶିଖର । ସେ ହାତ ବଢ଼େଇ ଚନ୍ଦନକୁ ଦେଖେଇ ଦେଇ କହିଲେ -- ''ଦେଖ ଚନ୍ଦନ, ଏଇ ପାହାଡ଼ କାହିଁ କେଉଁ ଯୁଗରୁ ମୁଣ୍ଡ ଟେକି ରହିଛି । ତା' ଉପରେ କେତେ ହଜାର ଥର ବଜ୍ରପାତ ହେଲାଣି । କେତେ ଲକ୍ଷ ଥର ବର୍ଷା ହେଲାଣି । ପୁଣି କେତେ ହାଡ଼ଫଟା ଟାଣ ଖରା ସେ ସହିଲାଣି, ତାର ହିସାବ ନାହିଁ । ତଥାପି ସେ ଆଜିଯାଏ ମୁଣ୍ଡ ଟେକି ଆକାଶକୁ ଚାହିଁ ରହିଛି । କହିଲୁ ଚନ୍ଦନ, ପାହାଡ଼ କ'ଣ ଘଡ଼ଘଡ଼ି, ଚଡ଼ଚଡ଼ି ଶବ୍ଦରେ କେବେ ଡରି ଯାଇଛି ? ନା' ଭାଙ୍ଗି ପଡ଼ିଛି ??

-- ନା' ଯେହେତୁ ସେ କାହାରି ବୃଥା ଅହଂକାର, ଥଟ୍ଟା-ପରିହାସକୁ କିମ୍ବା ଅତ୍ୟାଚାରକୁ ଖାତିରି କରି ନାହିଁ, ସେଇଥି ପାଇଁ ଆଜିଯାଏ ଆମ ଲଣ୍ଡା ପାହାଡ଼ ମୁଣ୍ଡ ଟେକି ରହି ପାରିଛି । ଆହୁରି ଯୁଗ ଯୁଗ ଧରି ଏଇମିତି ରହିଥିବ ମଧ୍ୟ । ବରଂ ଆକାଶରେ ଥିବା କଳା ମେଘ ଘୋର ଗର୍ଜନ କରି ତା' ଉପରେ କଚାଡ଼ି ହୋଇ ଶେଷରେ କ'ଣ ହେଉଛି କହିଲୁ ବାପା ?''...

Source: Author, Digitized by PPRACHIN, SOA

ବାପାଙ୍କ କଥାଟା ଚନ୍ଦନ ମନକୁ ପାଇଗଲା । ସେ ତରବର ହେଇ କହି ପକାଇଲା – "ହଁ ବାପା ! ସେ ମେଘ ବର୍ଷା ପାଣି ହୋଇ ପାହାଡ଼ର ପାଦଦେଶକୁ ଗଡ଼ି ଯାଇଛି ।"

-- "ସାବାସ୍, ବିଲ୍‌କୁଲ ଠିକ୍ ଉତ୍ତର ଦେଇଛୁ । ଠିକ୍ ସେଇମତି ଯେଉଁମାନେ ମନରେ ଧୈର୍ଯ୍ୟ ଧରି ଅନ୍ୟର ବାଜେ ଥଟ୍ଟା-ପରିହାସକୁ ଶୁଣନ୍ତି ନାହିଁ, ନିଜ କାମରେ ଆଗେଇ ଚାଲନ୍ତି, ସେମାନେ ଏଇ ଲମ୍ବା ପାହାଡ଼ର ଶିଖର ପରି ସବୁଦିନ ପାଇଁ ମୁଣ୍ଡଟେକି ସମାଜରେ ତିଷ୍ଠି ରହିପାରନ୍ତି । ତା'ମାନେ ସହିବା ଲୋକର ସବୁବେଳେ ଜୟଲାଭ ହୁଏ । ଆଉ ଗର୍ଜୁଥିବା ମେଘ ଯେମିତି ପାହାଡ଼ ତଳକୁ ଗଡ଼ିଯାଏ, ସେଇମିତି ଥଟ୍ଟା-ପରିହାସ କରୁଥିବା ଲୋକମାନେ ତଳକୁ ତଳକୁ ଖସି ଯାଆନ୍ତି । ତେଣୁ ତୁ ସେ ବାଜେ କଥାକୁ ଖାତିରି କରିବୁ ନାହିଁ କି ତାଙ୍କ କଥାକୁ ମୋଟେ ଗୁରୁତ୍ୱ ଦେବୁ ନାହିଁ । ଦେଖିବୁ ଅଳ୍ପ କେଇଟା ଦିନ ପରେ ସେମାନେ ଚକୁଳି ଚକୁଳି କହିବା ଭୁଲିଯିବେ । ଏଥିପାଇଁ ତୋର ଦରକାର ଧୈର୍ଯ୍ୟ ଆଉ ସହନଶୀଳତା ।"

ଏଇ କଥାବାର୍ତ୍ତା ଭିତରେ ସେମାନେ ଘରେ ପହଞ୍ଚି ଯାଇଥିଲେ । ଚନ୍ଦନର ମାଆ ଆଉ ଭଉଣୀ ବନ୍ଦନା ଦାଣ୍ଡ ଦୁଆରେ ଠିଆ ହୋଇ ତାଙ୍କୁ ଅପେକ୍ଷା କରିଥିଲେ । ସେମାନେ ଲକ୍ଷ୍ୟ କଲେ, ଚନ୍ଦନର ମୁହଁରେ ଆଗପରି ଆଉ ଦୁଃଖ ନାହିଁ; ବରଂ ହଜିଲା ଜିନିଷ ପାଇଲା ପରି ତା' ମୁହଁଟା ପ୍ରସନ୍ନ ଦେଖାଯାଉଛି । ମାଆ ପଚାରିଲେ -- "ଆରେ ବାବୁ ! ତୁ ଜଳଖିଆ ନଖାଇ କୁଆଡ଼େ ଯାଇଥିଲୁ ?"

ତାଙ୍କ କଥା ସରିଛି କି ନାହିଁ, ସଦାନନ୍ଦ ବାବୁ କହିଲେ -- "ସେ କଥା ପରେ, ଆଗ ଜଳଖିଆ ଦିଅ; ଆମେ ଖାଇ ସାରିଲେ ତା'ପରେ ଯେଉଁ କଥା ।"

ଚନ୍ଦନ ମାଆଙ୍କ ପାଖକୁ ଚାଲିଯାଇ କହିଲା – "ହଁ ମାଆ, ଶୀଘ୍ର ଆମକୁ ଜଳଖିଆ ଦିଅ । ବାପା କହିଛନ୍ତି, ଗୋଟାଏ ମଜା କଥା କହିବେ । ତମେ ବି ଶୁଣିବ ଯେ -- ।"

Source: Author, Digitized by PPRACHIN, SOA

ପୁଅର କଥା ଶୁଣି ମାଆଙ୍କର ମନଟା ଖୁସି ହୋଇଗଲା । ସେ ସଙ୍ଗେ ସଙ୍ଗେ ଜଳଖିଆ ବାଢ଼ି ଦେଲେ । ଠିକ୍ ସେତିକି ବେଳେ ଚନ୍ଦନର ମାମୁ ମହେନ୍ଦ୍ର ବାବୁ ଆସି ସେଇଠି ପହଞ୍ଚିଯାଇ କହିଲେ -- "ଯାହା ହେଉ, ଭଲ ସମୟରେ ମୁଁ ଆସି ପହଞ୍ଚି ଯାଇଛି ।"

ତାଙ୍କ କଥା ଶୁଣି ସମସ୍ତେ ଏକ ସଙ୍ଗେ ହସି ଉଠିଲେ । ମହେନ୍ଦ୍ର ବାବୁ ବହୁତ ଦିନ ପରେ ତାଙ୍କ ଭଉଣୀ ଘରକୁ ଆସିଛନ୍ତି । ସେ ଦିଲ୍ଲୀରେ ରହି ପାଠ ପଢନ୍ତି । ଏଇ କେତେଦିନ ହେଲା ଗାଆଁକୁ ଫେରିଛନ୍ତି । ଚନ୍ଦନ ଆଉ ବନ୍ଦନା ମାମୁଁଙ୍କ ପାଦ ଛୁଇଁ ପ୍ରଣାମ କଲେ । ସମସ୍ତେ ମିଶି ମଜାରେ ଜଳଖିଆ ଖାଇଲେ ।

ସଦାନନ୍ଦ ବାବୁ ମହେନ୍ଦ୍ର ବାବୁଙ୍କୁ ପଚ୍ଚାରିଲେ -- "ଦିଲ୍ଲୀର କ'ଣ ଖବର ?"

ମହେନ୍ଦ୍ର ବାବୁ ଦୀର୍ଘଶ୍ୱାସ ପକାଇ କହିଲେ -- "ଆମର ଦେଶର ଅବସ୍ଥା ବର୍ତ୍ତମାନ ଯାହା ହେଲାଣି, ଆମ ସମସ୍ତଙ୍କୁ ଦେଶର ଜଣେ ଜଣେ ସୈନିକ ବୋଲି ମନେ କରିବାକୁ ପଡ଼ିବ । କାରଣ, ଆମ ଦେଶ ଭାରତର ସୁନାମ ଆଉ ଗୌରବକୁ କେତେକ ଦେଶ ସହି ପାରୁ ନାହାନ୍ତି । ସେମାନେ ଭାବୁଛନ୍ତି, ଆମ ଦେଶରେ ଅସ୍ଥିରତା ସୃଷ୍ଟି କରି କିଛି ଫାଇଦା ଉଠେଇବେ । ବିଶ୍ୱ ଦରବାରରେ ଆମ ଦେଶର ଯେଉଁ ସମ୍ମାନ ଅଛି, ତାକୁ ତଳକୁ ଖସେଇ ଦେବେ; କିନ୍ତୁ ସେମାନେ ଜାଣନ୍ତି ନାହିଁ । ଅନ୍ୟକୁ ଅପଦସ୍ଥ କରିବାକୁ ଚାହୁଁଥିବା ଲୋକେ ଆଗ ନିଜେ ଅପମାନିତ ହୁଅନ୍ତି । ତାର ଫଳ ସେମାନେ ପାଇ ସାରିଲେଣି, ତଥାପି ସେମାନେ ତାଙ୍କର ଚକ୍ରାନ୍ତ ଚାଲୁ ରଖିଛନ୍ତି । ବିଭିନ୍ନ ସ୍ଥାନରେ ଅଶାନ୍ତି ସୃଷ୍ଟି କରିବା ପାଇଁ ସେମାନେ ନାନା ପ୍ରକାର ବଦମାସି କରୁଛନ୍ତି ।"

ମାମୁଙ୍କ କଥାକୁ ଚନ୍ଦନ ଏକଲୟରେ ଶୁଣୁଥିଲା, ସେ ଆଉ ସ୍ଥିର ହୋଇ ରହି ପାରିଲା ନାହିଁ । ମାମୁଙ୍କୁ ପଚ୍ଚାରିଲା -- "ସେମାନେ ନିଜ ଦେଶ କଥା ଚିନ୍ତା ନକରି ଆମ ଦେଶର କ୍ଷତି କରିବାକୁ ଇଚ୍ଛା କରୁଛନ୍ତି କାହିଁକି ?"

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ଚନ୍ଦନ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସଦାନନ୍ଦ ବାବୁ କହିଲେ -- "ଏ ସବୁର ମୂଳରେ ରହିଲା -- ଅସହିଷ୍ଣୁତା । ଏକଥା କହିଲା ବେଳେ ମୋର ପିଲାବେଳର ଗୋଟାଏ ଭଲ କଥା ମନେ ପଡିଯାଉଛି । ଭାରି ମଜା କଥା ।"

'ମଜାକଥା' ଶୁଣିବା ମାତ୍ରେ ଚନ୍ଦନ ଆଉ ବନ୍ଦନା ଏକ ସଙ୍ଗେ କହି ଉଠିଲେ, "ହଁ ବାପା, ତମେ ଆଗ ମଜା କଥାଟା କ'ଣ କୁହ । ଆମେ ଶୁଣିବୁ ।"

ମହେନ୍ଦ୍ର ବାବୁ ହସି ଦେଇ କହିଲେ -- "ମୁଁ ବି ମଜା କଥା ଶୁଣିବାକୁ ଭାରି ଭଲ ପାଏ । କୁହ ଭାଇନା । ହେଇ ଦେଖ, ତମ କଥା ଶୁଣିବାକୁ ଅପା ଆସି ଆମ ପାଖରେ ବସି ଗଲେଣି ।"

ଚନ୍ଦନ ପଛକୁ ଗୃହିଁ ଦେଖେ ତ ମାଆ କେତେବେଳେ ଆସି ତାଙ୍କ ମେଳରେ ବସି ଗଲେଣି । ସମସ୍ତେ ବାପାଙ୍କର ପିଲାଦିନର ମଜା କଥା ଶୁଣିବାକୁ ଚାକି ବସିଛନ୍ତି ।

ସଦାନନ୍ଦ ବାବୁ ତାଙ୍କର ପିଲାଦିନର କଥାକୁ ମନେ ପକାଇ କହିଲେ-- "ସେତେବେଳେ ଆମେ ମାଇନର୍ ସ୍କୁଲରେ ପାଠ ପଢୁଥାଉ । ଦିନେ ଜଣେ ସାଧୁବାବା ଆସି ଆମ ସ୍କୁଲରେ ପହଞ୍ଚିଲେ । ସେ ଅନ୍ୟ ବାବାଜୀ ବା ସନ୍ନ୍ୟାସୀଙ୍କ ଭଳି ଠକ ନଥିଲେ । ଜଣେ ଗୁଣୀ-ଜ୍ଞାନୀ ସାଧୁ ହିସାବରେ ତାଙ୍କର ସୁନାମ ଥିଲା । ସେ ଅନେକ ପ୍ରକାର ଶାସ୍ତ୍ର ପଢ଼ିଥିଲେ । ପିଲାମାନଙ୍କୁ ସେ ବହୁତ ଭଲ ପାଉଥିଲେ । ଆମ ଶ୍ରେଣୀକୁ ଆସି ସେ କେତୋଟି ଭଲ-ଉପଦେଶ ମୂଳକ ଗପ କହିଲେ । ଯୋଗଦ୍ୱାରା କେମିତି ଆତ୍ମସଂଯମ କରାଯାଏ; ଧୈର୍ଯ୍ୟ, ସହିଷ୍ଣୁତା କିପରି ବଢେ; ଅନ୍ୟ ପ୍ରତି ଆମ ମାନଙ୍କର କେମିତି ବ୍ୟବହାର ହେବା ଉଚିତ୍, ସେ ସବୁ କଥାକୁ ବଢ଼ିଆ ଉଦାହରଣ ଦେଇ କହିଲେ ।"

କଥା ମଝିରେ ବନ୍ଦନା କହିଲା -- "ବାପା ! ଆମକୁ ସେ କଥା ଟିକେ କୁହନା ।"

ମାଆ କହିଲେ -- "ଓ--ହୋ, ଏତେ ବ୍ୟସ୍ତ ହେଇ ପଡୁଛୁ କାହିଁକି ? ଆଗ ତୁ ଟିକେ ଧୈର୍ଯ୍ୟ ଧରି ଚୁପ୍‌ଚାପ୍ ବସ । ବାପା ତ ସେଇକଥା କହୁଛନ୍ତି ।"

Source: Author, Digitized by PPRACHIN, SOA

-- ହଉ ଶୁଣ, ସଦାନନ୍ଦ ବାବୁ କହିଲେ -- ''ଆମ ଦେଶରେ ଅନେକ ଜାତି, ଅନେକ ଭାଷା ପୁଣି ଅନେକ ସମ୍ପ୍ରଦାୟର ଲୋକେ ରହିଛନ୍ତି । କେତେଜଣ ଲୋକ ଭାବନ୍ତି, ତାଙ୍କର ଜାତି ବା ତାଙ୍କର ସମ୍ପ୍ରଦାୟ ହେଉଛି -- ସର୍ବଶ୍ରେଷ୍ଠ; କିନ୍ତୁ ସେମାନେ ଅନ୍ୟର କଥା ଶୁଣିବାକୁ କିମ୍ବା ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସତ୍ୟ କହିବାକୁ, ପରର ଉପକାର କରିବାକୁ ଏବଂ ନିଜକୁ କିଛି ତ୍ୟାଗ କରିବାକୁ ସବୁ ସମ୍ପ୍ରଦାୟର ଧର୍ମଶାସ୍ତ୍ରରେ ଲେଖାଯାଇଛି । ଠିକ୍ ସେମିତି ଅନ୍ୟକୁ ଛୋଟ ମନେ କରିବାକୁ, ଅନ୍ୟ ସମ୍ପ୍ରଦାୟକୁ ଘୃଣା କରିବାକୁ କିମ୍ବା ହିଂସା କରି ଅନ୍ୟ ପ୍ରତି ଅସହିଷ୍ଣୁଭାବ ପ୍ରଦର୍ଶନ କରିବା ପାଇଁ ସମସ୍ତ ଧର୍ମଶାସ୍ତ୍ରରେ ମନା କରାଯାଇଛି । ସମସ୍ତ ଧର୍ମଶାସ୍ତ୍ରର ମୂଳନୀତି ହେଉଛି ଏକ । ଏଭଳି କାର୍ଯ୍ୟକୁ ସବୁ ଧର୍ମରେ ପାପ ବୋଲି ବିଚାର କରାଯାଇଛି । ସାଧୁବାବା ଉଦାହରଣ ଦେଇ କହିଥିଲେ -- ''ଯେଉଁମାନେ ଅନ୍ୟ ଧର୍ମର ମହିମା ଜାଣି, ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇଛନ୍ତି; ସେମାନେ ମହାପୁରୁଷ ଭାବରେ ଅମର ହୋଇ ରହି ଯାଇଛନ୍ତି । ଯେମିତି ଭକ୍ତ ସାଲବେଗ, ଜଣେ ମୁସଲମାନ ହୋଇ ପ୍ରଭୁ ଜଗନ୍ନାଥଙ୍କର ଗୁଣଗାନ କରି; ଆଜି ସମସ୍ତ ହିନ୍ଦୁ ଲୋକଙ୍କର ଅତି ପ୍ରିୟ ପାତ୍ର ହୋଇପାରିଛନ୍ତି । ଇତିହାସରେ ସମ୍ରାଟ ଆକବରଙ୍କ କଥା ତ ସମସ୍ତେ ବହିରୁ ପଢ଼ିଛନ୍ତି । ସବୁ ଧର୍ମର ଲୋକଙ୍କୁ ସେ ସମ୍ମାନ ଦେଉଥିଲେ । ତେଣୁ ଆଜି ଆମେ ତାଙ୍କୁ ମହାନୁଭବ ଆକବର ଭାବରେ ଜାଣୁ । ଆମ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ସବୁ ମହାପୁରୁଷ କହିଛନ୍ତି, ଧର୍ମ ବା ସମ୍ପ୍ରଦାୟକୁ ନେଇ କେବେ ଅସୂୟା ଭାବ ସୃଷ୍ଟି ହେବା ଉଚିତ୍ ନୁହେଁ । କାରଣ, ଆମ ଦେଶର ସବୁ ଲୋକ ହେଉଛନ୍ତି -- ଭାରତ ଜନନୀଙ୍କର ସନ୍ତାନ । ତେଣୁ ଆମେ ସମସ୍ତେ ହେଲୁ, ଭାଇ-ଭାଇ ।''

ମହେନ୍ଦ୍ର ବାବୁ କହିଲେ -- ''ସେ କଥା ନୁହେଁ ଆଉ କ'ଣ ? ବେଳେ ବେଳେ ଅଳ୍ପ କେତେଜଣ ସ୍ୱାର୍ଥପର ଲୋକ ଆମ ଭାଇ-ଭାଇ ଭିତରେ ବିଭେଦ ସୃଷ୍ଟି କରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରିବାରେ ଲାଗିପଡିଥାନ୍ତି । ସାମାନ୍ୟ କଥାରୁ ଝଗଡ଼ା, ମାଡ଼ପିଟ୍ କରନ୍ତି । ଏଇ ଯେମିତି ମୁସଲମାନ ଭାଇମାନେ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ତାଙ୍କର ମସ୍‌ଜିଦ୍‌ରେ ବସି ନୀରବରେ ନମାଜ ପଢୁଥିଲା ବେଳେ କେହି ଯଦି ଘଣ୍ଟା, ବାଜା ବଜାଇ ସେହି ବାଟ ଦେଇ ଯାଆନ୍ତି, ତେବେ ତାଙ୍କର ନୀରବତା ଭଙ୍ଗ ହୁଏ । ତେଣୁ ସେମାନେ ଠିକ୍ ଭାବରେ ନମାଜ ପଢି ପାରନ୍ତି ନାହିଁ । ସେଭଳି କ୍ଷେତ୍ରରେ ଆମେ ଯଦି ତାଙ୍କ ନୀରବତା ଭଙ୍ଗ ନକରି ତାଙ୍କର ନମାଜ୍ ପଢ଼ାରେ ସହଯୋଗ କରନ୍ତି, ତେବେ ଗଣ୍ଡଗୋଳ ତ ଦୂରର କଥା, ବରଂ ପରସ୍ପର ମଧ୍ୟରେ ଅଧିକ ଧାର୍ମିକ ସ୍ନେହଭାବ, ମମତାଭାବ ସୃଷ୍ଟି ହୋଇ ପାରିବ । ଭଗବାନଙ୍କୁ ପ୍ରାର୍ଥନା କରିବାରେ ଆମ ସମସ୍ତଙ୍କର ଅଧିକାର ଅଛି । କିଏ ଆଲ୍ଲା କହୁ ବା କିଏ ଈଶ୍ୱର କହୁ, ସେହି ବିଶ୍ୱ ନିୟନ୍ତା ଭଗବାନ ହେଉଛନ୍ତି-ଏକ । ତେଣୁ ଅନ୍ୟର ଧର୍ମ ବିଶ୍ୱାସ ଉପରେ ଆମର ଅସହିଷ୍ଣୁତା ଭାବ ପ୍ରକାଶ କରିବା କଦାପି ଉଚିତ ନୁହେଁ । ସେଇଥି ପାଇଁ ଆମ ଜାତୀୟ ସମ୍ବିଧାନରେ ପ୍ରତ୍ୟେକ ଧର୍ମକୁ ସମାନ ଅଧିକାର ଦିଆଯାଇଛି ।''

ଏତେବେଳ ଯାଏ ଚନ୍ଦନର ମାଆ ନୀରବରେ ସମସ୍ତଙ୍କ କଥା ଶୁଣୁଥିଲେ । ମହେନ୍ଦ୍ର ବାବୁଙ୍କ କଥା ସରିଛି କି ନାହିଁ, ସେ କହିପକାଇଲେ, ''ଏସବୁ ସମ୍ବିଧାନ ତ ଆଜିକାଲିର କଥା । ଆମ ବାପା-ଗୋସବାପାଙ୍କ ଅମଳରୁ ପରା ସତ୍ୟପୀର ପୂଜା ଆମ ଗାଁରେ ହୋଇ ଚାଲିଛି । ସତ୍ୟ ନାରାୟଣ ପାଲାରେ ବାବା ପୀରଙ୍କୁ ସିରିଣି ଭୋଗ ଦିଆଯାଏ । ଆମ ଗାଁରେ ସବୁ ସମ୍ପ୍ରଦାୟର ଲୋକେ ଏକା ଜାଗାରେ ବସି ବଡ଼ ଆନନ୍ଦରେ ସେ ପୂଜା କରନ୍ତି । ଏଥିପାଇଁ କେହି କାହାକୁ ତ ବାଧ୍ୟ କରେ ନାହିଁ । ମିଳିମିଶି ପରସ୍ପର ସ୍ନେହ ମମତାଭାବ ନେଇ ଆମେ ତ କେଉଁ ଯୁଗରୁ ଚଳି ଆସୁଛେ ।''

ସଦାନନ୍ଦ ବାବୁ କହି ପକାଇଲେ, -- ତମେ ଅସଲ-ସାର କଥା ପଦକ କହିଛ । ମାନେ, ଏସବୁ ହେଲା – ଉଦାର ସହନଶୀଳତାର ଗୋଟାଏ ଗୋଟାଏ ଉଦାହରଣ । ଯଦି ଗୋଟାଏ ସମ୍ପ୍ରଦାୟର ଲୋକ ଅନ୍ୟ ସମ୍ପ୍ରଦାୟର ଧର୍ମ ବିଶ୍ୱାସକୁ ସମ୍ମାନ ନ ଜଣାଏ, ତେବେ ଅସହିଷ୍ଣୁ ଭାବ ସୃଷ୍ଟି ହୋଇଯାଏ । ସେଇଠୁ ସବୁ ଗଣ୍ଡଗୋଳର ସୂତ୍ରପାତ ହୁଏ । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଦରକାର ଆମର, ତୁମର ଏବଂ ସମସ୍ତଙ୍କର ସହନଶୀଳତା ।

Source: Author, Digitized by PPRACHIN, SOA

-- ସେଇଥିପାଇଁ ତ ପୃଥିବୀକୁ ଆମେ ସମସ୍ତେ କହୁ -- ମାଆ ଧରିତ୍ରୀ, ଆଉ ଗାଈକୁ କହୁ -- ଗୋମାତା । ଏ'ଦୁହେଁ ସବୁଠୁ ବେଶି ସହିଥାନ୍ତି, ଠିକ୍ ନିଜ ମାଆ ପରି । ତେଣୁ ପୃଥିବୀମାତା ଏବଂ ଗୋମାତାକୁ ମଣିଷ ପୂଜା କରିଥାଏ । ମୋଟାମୋଟି ଭାବେ କହିବାକୁ ଗଲେ, ଯିଏ ଯେତେ ପରିମାଣରେ ସହିପାରେ, ସେ ସେତେ ବଡ଼ ବୋଲି ଜଣାପଡ଼େ । ନା' କ'ଣ ମହେନ୍ଦ୍ର ବାବୁ ?''

ମହେନ୍ଦ୍ର ବାବୁ କହିଲେ -- ''ସେ କଥା ନୁହେଁ ତ ଆଉ କ'ଣ ? କଲେଜରେ ପଢୁଥିଲା ବେଳେ ଥରେ ମୁଁ ବକ୍ତୃତା ପ୍ରତିଯୋଗିତାରେ ସେହି କଥା ହିଁ କହିଥିଲି ।''

-- ''ତମେ ସେଥିରେ ଫାଷ୍ଟ୍ ହେଇଥିଲ ନା' ମାମୁ ?'' ବନ୍ଦନା ପଗ୍ଚରି ଦେଲା । ତା'ର ଉତ୍ତର ଦେବା ପୂର୍ବରୁ ଚନ୍ଦନ କହିଲା -- ''ତମେ କ'ଣ କହିଥିଲ ମାମୁ ? ସେ କଥା ଟିକେ କହିକି ଆମକୁ ଶୁଣେଇ ଦେଉନା ।''

-- ''ନାଇଁରେ ଏତେ ଗୁଡିଏ କଥା କହିବାକୁ ସମୟ୍ ନାହିଁ କି ତମର ଶୁଣିବାକୁ ଧୈର୍ଯ୍ୟ ରହିବ ନାହିଁ । ହଉ, ତେବେ ମୁଁ ସଂକ୍ଷେପରେ ସେ କଥା କହି ଦେଉଛି, ଶୁଣ ।''

ଚନ୍ଦନର ମାଆ କହିଲେ -- ''ତୋର ଏମିତି କି' ଜରୁରୀ କାମ ଅଛି ଯେ ସମୟ ନାହିଁ ? ବର୍ଷ ଯାକ ତ ଦିଲ୍ଲୀରେ ରହୁଛୁ । ଆଠ ଦିନ ହେଲା, ଗାଆଁକୁ ଆସିଲୁଣି । ଅପାକୁ ତ ଭୁଲିଗଲୁ । ଭଣଜା-ଭାଣିଜୀ ଦୁହେଁ ତୋତେ ଦେଖିବା ପାଇଁ, ଆଉ ତୋ'ଠାରୁ ଦି'ପଦ ଗପ ଶୁଣିବା ପାଇଁ କେମିତି ବ୍ୟସ୍ତ ହୁଅନ୍ତି; ସେ କଥା କ'ଣ ତୁ ଜାଣିନାହୁଁ ? ଆଉ ଏତେ ଫୁଟାଣି ଦେଖାନା । ତୁ (ଡିବେଟ୍) ବକ୍ତୃତା ପ୍ରତିଯୋଗିତାରେ ଯାହା କହିଥିଲୁ, ତାକୁ ବୁଝେଇକି କହ । ସେମାନେ ତୋ'ଠାରୁ ଶୁଣିଲେ ତ ଶିଖିବେ । ଦେ-କହ ।''

ବଡ଼ ଭଉଣୀଙ୍କ ଠାରୁ ମିଠା-କଡା କଥା ଦି'ପଦ ଶୁଣି ମହେନ୍ଦ୍ରବାବୁ କହିଲେ -- ''ହଉବାବା, ହେଲା । ମୁଁ ଯାହା କହିଥିଲି, ସେକଥା କହିଦେଉଛି, ଶୁଣ ।

Source: Author, Digitized by PPRACHIN, SOA

-- ସହନଶୀଳତା କହିଲେ, -- ବୁଝାଯାଏ, ଅନ୍ୟ ପ୍ରତି ଉଦାର ଭାବ ପ୍ରକାଶ କରିବା । ସ୍ଥାନ, କାଳ ଏବଂ ପାତ୍ରକୁ ଦୃଷ୍ଟିରେ ରଖି ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇ ପାରେ । ଯେମିତି ସାମାଜିକ ସହନଶୀଳତା, ଧାର୍ମିକ ସହନଶୀଳତା, ଆର୍ଥିକ ସହନଶୀଳତା, ପାରିପାର୍ଶ୍ୱିକ ସହନଶୀଳତା ଏବଂ ବୃତ୍ତିଗତ ସହନଶୀଳତା ।

-- ଆମେ ବିଭିନ୍ନ ଭାଷା-ଭାଷୀ ତଥା ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକଙ୍କ ସହିତ ମିଶି ସମାଜରେ ବାସ କରୁ । ସେମାନଙ୍କ ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଜାତିର ଲୋକଙ୍କର ଯଦି କିଛି ଉନ୍ନତି ହୋଇପାରିଲା, ସେ କ୍ଷେତ୍ରରେ ଅନ୍ୟମାନେ ମନଦୁଃଖ କରି ହାୟ, ହାୟ କଲେ; କିଛି ଲାଭ ହୁଏ ନାହିଁ । ବରଂ ସେମାନେ ନିଜର କିପରି ଉନ୍ନତି କରି ପାରିବେ, ସେ କଥା ଚିନ୍ତା କରିବା ଉଚିତ । ନିଜ ଉନ୍ନତି ଚିନ୍ତା ନକରି ଅନ୍ୟର କ୍ଷତି କରିବା ଚିନ୍ତା କରି କେତେକ ଲୋକ ନିଜର କାପୁରୁଷତାର ପରିଚୟ ଦେଇଥା'ନ୍ତି । ସେଇଠି ସାମାଜିକ ସହନଶୀଳତା ଏବଂ ଉଦାର ଭାବର ନିହାତି ଦରକାର ହୋଇଥାଏ ।

-- କୌଣସି ଧର୍ମ ବିଶ୍ୱାସ କିମ୍ବା ଧାର୍ମିକ ଭାବନା ଉପରେ କେହି କେବେ କଟୁ ମନ୍ତବ୍ୟ ଦେବା ଉଚିତ୍ ନୁହେଁ । କୌଣସି ପାରମ୍ପରିକ ପୂଜା-ପାର୍ବଣ ପାଳନ କରିବାରେ କେହି ବାଧା ସୃଷ୍ଟି କରିବା ମଧ୍ୟ ଉଚିତ ନୁହେଁ । ଏଭଳି କାମ ଦ୍ୱାରା ଧାର୍ମିକ ଅସହିଷ୍ଣୁତା ଭାବ ପ୍ରକାଶ ପାଏ । ଫଳରେ ଭୟଙ୍କର ପରିଣତି ସୃଷ୍ଟି ହୁଏ । ତେଣୁ ପ୍ରତ୍ୟେକ ମଣିଷକୁ ସ୍ୱାଧୀନ ଭାବରେ ତାର ପାରମ୍ପରିକ ପୂଜା ଉତ୍ସବ ପାଳନ କରିବାରେ ଆମକୁ ସହଯୋଗ କରିବାକୁ ହେବ । ଏହାଦ୍ୱାରା ପରସ୍ପର ମଧ୍ୟରେ ଭ୍ରାତୃଭାବ, ସ୍ନେହଭାବ ବୃଦ୍ଧି ପାଇଥାଏ । ଅନ୍ୟ ଧର୍ମପ୍ରତି ଶ୍ରଦ୍ଧାଭାବ ଜାଗ୍ରତ ହୁଏ । ଶେଷରେ ଧାର୍ମିକ ସହନଶୀଳତା ପ୍ରକାଶ ପାଏ ।

-- ସେହିପରି କୌଣସି ଧନୀ ଲୋକର ଧନ ସମ୍ପତ୍ତି ଦେଖି ହତାଶ ହେବାକୁ ଆର୍ଥିକ ଅସହିଷ୍ଣୁତା କୁହାଯାଏ । କୁହାଯାଏ -- 'ଶ୍ରମଏବ ଜୟତେ' । ମାନସିକ କିମ୍ବା ଶାରୀରିକ ପରିଶ୍ରମ ଦ୍ୱାରା ମଣିଷ ଧନୀ ହୋଇଥାଏ । ଅଳ୍ପ ପରିଶ୍ରମ କରି ଅଧିକ ରୋଜଗାର କରିବାକୁ ଚାହୁଁଥିବା ମଣିଷ ସବୁବେଳେ

Source: Author, Digitized by PPRACHIN, SOA

ଲୋକହସା ହୁଏ । ତେଣୁ ସେ ପରର ଧନ ଦେଖି ହାଇଁ ପାଇଁ ହେଲେ କିମ୍ବା ତା' ସମ୍ପତ୍ତିକୁ ନଷ୍ଟ କରିଦେବାକୁ ଚେଷ୍ଟା କଲେ; ଧନୀ ଲୋକର ବିଶେଷ କିଛି କ୍ଷତି ହୁଏ ନାହିଁ । ବରଂ ଅସହିଷ୍ଣୁ ଭାବ ଦ୍ୱାରା ସେ ନିଜେ ଜଳି ଜଳି ତଳକୁ ଖସିଯାଏ ।''

କଥା ମଝିରେ ବନ୍ଦନା ପଚ୍ଚାରିଦେଲା -- ''ତେବେ ବୃତ୍ତିଗତ ସହନଶୀଳତା ପୁଣି କ'ଣ ?''

ମହେନ୍ଦ୍ର ବାବୁ କହିଲେ -- ''ସେ କଥା ତ କହିବି, ଆଗ ତୁ ପାଣି ଗ୍ଲାସ୍‌ଟା ଆଣିଲୁ । ଅପାଙ୍କ ଆଦେଶ ତ ମୋତେ ପାଳନ କରିବାକୁ ପଡ଼ିବ ।''

ମହେନ୍ଦ୍ର ବାବୁଙ୍କ କଥା ଶୁଣି ବନ୍ଦନା ପାଣି ପାଇଁ ଉଠିଗଲା । ମାଆ କହିଲେ -- ''ହଉ, ହଉ, ଗପ ସରିଯାଉ; ତୋତେ ବଢ଼ିଆ ଗ୍ଲ' କପେ ଦେବି ।''

ସଦାନନ୍ଦ ବାବୁ ସମସ୍ତଙ୍କୁ ଚାହିଁ କହିଲେ, -- ''ମହେନ୍ଦ୍ର ବାବୁ ଗପି ଗପି ଥକି ଗଲେଣି । ମୁଁ ତୁମକୁ ଏଥର ବୃତ୍ତିଗତ ସହନଶୀଳତା ବିଷୟରେ କହି ଦେଉଛି -- ଶୁଣ ।''

ଚନ୍ଦନ ତରବର ହୋଇ ପଚ୍ଚାରି ଦେଲା -- ''ବାପା ! ତମେ ବି ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲ ନା' କ'ଣ ?''

ପୁଅର କଥା ଶୁଣି ସଦାନନ୍ଦ ବାବୁ ହସି ଦେଇ କହିଲେ -- ''ଆରେ, ଏ' ସବୁ ହେଲା -- ସାଧାରଣ କଥା । ପ୍ରତ୍ୟେକ ସଚେତନ ନାଗରିକ ଏ ବିଷୟରେ ତ ଜାଣିବା ଉଚିତ ।''

ବନ୍ଦନା ପାଣି ଗ୍ଲାସେ ଆଣି ମାମୁଙ୍କୁ ଦେଲା । ଦେଖିଲା ବାପା ଗପ ଆରମ୍ଭ କରି କହିଲେ -- ''ବୃତ୍ତିଗତ ଅସହନଶୀଳତା ଫଳରେ ଆମ ସମାଜରେ ଅନେକ ଲୋକ ଦୁଃଖ କଷ୍ଟ ପାଆନ୍ତି । କେହି ଜଣେ ବ୍ୟବସାୟୀ ଯଦି ତା'ର ଭଲ ବ୍ୟବହାର ମାଧ୍ୟମରେ ଅନ୍ୟ ବ୍ୟବସାୟୀଙ୍କ ତୁଳନାରେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରି ପାରିଲା, କିମ୍ବା କେହି ଜଣେ ମିସ୍ତ୍ରୀ ନିଷ୍ଠାର ସହିତ କାମ କରି ସରସ ସୁନ୍ଦର ଜିନିଷ ତିଆରି କରିପାରିଲା; ସେଭଳି କ୍ଷେତ୍ରରେ ଅନ୍ୟମାନେ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ପ୍ରତିଯୋଗିତା ମନୋବୃତ୍ତି ନେଇ କାମ କଲେ, ଅଧିକ ସୁଫଳ ମିଳିଥାଏ । ଭଲ ବ୍ୟବସାୟୀ କିମ୍ବା ନିଷ୍ଠାପର ମିସ୍ତ୍ରୀଙ୍କର ମିଛ ନିନ୍ଦା କରି, କେହି କେବେ ତାଙ୍କୁ ତଳକୁ ଖସେଇ ଦେଇ ପାରିବ ନାହିଁ । ବରଂ ନିଜେ ନିଜର ମୂଲ୍ୟବାନ ସମୟକୁ ଅପଚୟ କରିବ ।"

କଥା ମଝିରେ ମହେନ୍ଦ୍ର ବାବୁ କହିଲେ -- "ଆପଣ ବିଲ୍‌କୁଲ୍ ଠିକ୍ କଥାଟା କହିଛନ୍ତି । ବୃତ୍ତିଗତ ସହନଶୀଳତା ଭଳି ପାରିପାର୍ଶ୍ୱିକ ସହନଶୀଳତା ଦ୍ୱାରା ପ୍ରତ୍ୟେକ ପ୍ରାଣୀ ନିଜର ଜୀବନ ଯାପନ ପ୍ରଣାଳୀକୁ ସୁଗମ କରି ଦିଅନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ, ହାଡ଼ଥରା ଶୀତ ଏବଂ ଅବିରାମ ବର୍ଷା ସହିତ ନିଜକୁ ଖାପ ଖୁଆଇ ଚଳିବା ଦ୍ୱାରା ସେ ଦୀର୍ଘଦିନ ବଞ୍ଚି ରହିପାରୁଛି । ପ୍ରାଣୀର ମସ୍ତିଷ୍କରେ ଥିବା ହାଇପୋଥେଲାମସ୍ ଗ୍ରନ୍ଥି ଏହି କାର୍ଯ୍ୟକୁ ଠିକ୍ ଭାବରେ ସମ୍ଭାଳିଥାଏ । ଆବଶ୍ୟକ ହେଲେ ସେ ଉତ୍ତାପ ଏବଂ ଥଣ୍ଡା ଯୋଗାଇ ପ୍ରାଣୀକୁ ନୂଆ ପରିବେଶ ସହିତ ଖାପ ଖୁଆଇ ଚଳେଇ ନିଏ । ଯେଉଁମାନେ ପାରିପାର୍ଶ୍ୱିକ ପରିସ୍ଥିତି ସହିତ ଖାପ ଖୁଆଇ ଚଳି ପାରନ୍ତି ନାହିଁ, ସେମାନେ ଅସହାୟ ଅବସ୍ଥାରେ ପଡ଼ି ମରିଯାଆନ୍ତି; ନଚେତ ସେ ସ୍ଥାନକୁ ଛାଡି ଅନ୍ୟ ସ୍ଥାନକୁ ଚ୍ଗଲିଯାଆନ୍ତି । ଏଇ ଯେମିତି ଡାଏନୋସର୍‌ସ କଥା ବିଚ୍ଗରକୁ ନିଆଯାଇପାରେ । ବୈଜ୍ଞାନିକମାନେ କହୁଛନ୍ତି, ଏଇ ପୃଥିବୀରେ ସେମାନେ ଥିଲେ -- ସବୁଠାରୁ ବଡ଼ ପ୍ରାଣୀ; କିନ୍ତୁ ସେମାନେ ନୂଆ ପରିବେଶର ଜଳବାୟୁ ସହିତ ଖାପ ଖୋଇ ରହିପାରିଲେ ନାହିଁ । ଏତେ ବଡ଼ ଜୀବ ହୋଇ ମଧ୍ୟ କେବଳ ସହନଶୀଳତା ଅଭାବରୁ ତାଙ୍କର ବଂଶ ଲୋପ ପାଇଗଲା ।"

ଡାଏନୋସ୍‌ରସ୍ ନାଆଁ ଶୁଣିଲା ମାତ୍ରେ ବନ୍ଦନା ଚମକି ଉଠିଲା । ବଡ଼ ପାଟିରେ କହି ଚ୍ଗଲିଲା -- "ମାମୁ ! ମୁଁ ଡାଏନୋସରସ୍ ଦେଖିଛି । ସେ ଦିନ ଦେଖିଲି, ସିନେମାରେ ଦୁଇଟି ବଡ଼ ବଡ଼ ଡାଏନୋସରସ୍ ମଣିଷମାନଙ୍କୁ ଗୋଡ଼େଇ ଗୋଡ଼େଇ ମାରି ଚ୍ଗଲିଥାଏ । ମୋତେ ବହୁତ ଡର ଲାଗିଲା ମାମୁ ।"

ବନ୍ଦନାର କଥା ସରିଛି କି ନାହିଁ, ଚନ୍ଦନ କହିଲା -- "ଛାଡ଼ ଛାଡ଼ । କଥା ମଝିରେ ଖାଲି ବାଧା ସୃଷ୍ଟି କରିବା ତୋର ଗୋଟାଏ ଅଭ୍ୟାସ । କିଛି ତ ବୁଝିପାରିବୁ

Source: Author, Digitized by PPRACHIN, SOA

ନାହିଁ । ସିନେମାର ଡାଏନୋସରସ୍ ଗୁଡ଼ାକ ଜୀବନ୍ତ ପ୍ରାଣୀ ନଥିଲେ । ସେ ସବୁ ଥିଲା ସିନେମା ତିଆରି କଲା ଲୋକଙ୍କର କଳ୍ପନାରେ ତିଆରି କରାଯାଇଥିବା କୃତ୍ରିମ ଡାଏନୋସର୍‌ସ ।''

ମାମୁ ଦୁହିଁଙ୍କର କଥା ଶୁଣି ମୁରୁକି ମୁରୁକି ହସୁଥିଲେ । ସେ କହିଲେ-- ''ଚନ୍ଦନ ଠିକ୍ ବୁଝିଛି । ସିନେମାର ସେ ସବୁ ଜୀବ ଥିଲେ -- କୃତ୍ରିମ ଡାଏନୋସରସ୍ । ତମେ ଉଚ୍ଚ ଶ୍ରେଣୀକୁ ଗଲେ, ଜିନ୍ ବା ଗୁଣସୂତ୍ର ବିଷୟରେ ପଢ଼ିବ । ସେତେବେଳେ ଜାଣିବ, ଏହି ଗୁଣସୂତ୍ର ମଧ୍ୟ ପାରିପାର୍ଶ୍ୱିକ ସହନଶୀଳତା ପାଇଁ ଦାୟୀ ହୁଏ ।''

ଜିନ୍ ଆଉ ଗୁଣସୂତ୍ର ଭଳି ନୂଆ ଶବ୍ଦ ଗୁଡ଼ିକ ଶୁଣି ଚନ୍ଦନର ମାଆ କହିଲେ -- ''ତୁ ଯାହା କହୁଛୁ, ସଫା ସଫା କହୁନୁ ? ପଢ଼ିଲେ ଜାଣିବ, ବଡ଼ ହେଲେ ବୁଝିବ; ଏ' ସବୁ ପୁଣି କ'ଣ ? ତୋର ଭଣଜା, ଭାଣିଜୀ ସିନା ବଡ଼ ହେଲେ ପଢ଼ିବେ । ମୁଁ ସେ ବିଷୟରେ କେମିତି ଜାଣିବି କହିଲୁ ?''

ଚନ୍ଦନର ମାଆଙ୍କ କଥା ଶୁଣି ସଦାନନ୍ଦ ବାବୁ ହସି ଉଠିଲେ । ସେ କହିଲେ, ''ହଉ ମହେନ୍ଦ୍ର ବାବୁ ! ତମ ଅପାଙ୍କୁ ଟିକେ ଜିନ୍ ବିଷୟରେ ବୁଝେଇ ଦିଅ ।''

ମହେନ୍ଦ୍ର ବାବୁ କହିଲେ -- ''ଅପା ! ଆଉ ଦିନେ ଆସି ତୋତେ ସେ ବିଷୟରେ ଟିକି ନିଖି କରି ବୁଝେଇ ଦେବି । ତୁ ଖାଲି ଏତିକି ମନେ ରଖିଥା- ଯେ, ପ୍ରତ୍ୟେକ ପ୍ରାଣୀ ଏମିତିକି, ଗଛଲତା କୀଟପତଙ୍ଗ ପ୍ରତ୍ୟେକଙ୍କର କୋଷରେ ଜିନ୍ ବା ଗୁଣସୂତ୍ର ଥାଏ । ତା' ଦ୍ୱାରା ସେ ତାର ପୂର୍ବପୁରୁଷର ଗୁଣ ଆଣେ । ଯେମିତି କୁକୁଡ଼ା ଅଣ୍ଡାରୁ ଛୁଆ ଫୁଟିବା ମାତ୍ରେ ସେମାନେ ଖୁଦ ଖୁଣ୍ଟି ଖାଇବା ଆରମ୍ଭ କରି ଦିଅନ୍ତି । ମିଠା ଆମ୍ବ ଟାକୁଆରୁ ଉଠିଥିବା ନୂଆ ଆମ୍ବଗଛରେ ମିଠା ଆମ୍ବ ଫଳେ । ଏ' ସବୁ ହେଲା, ଗୁଣସୂତ୍ରର କାମ । ପ୍ରତ୍ୟେକ ମଣିଷ ଜୀବକୋଷରେ ସେହିଭଳି ମୋଟ ୨୩ ଯୋଡ଼ା ଲେଖା ଗୁଣସୂତ୍ର ଥାଏ । ମନେ ରହିଲା ତ ଅପା ?''

Source: Author, Digitized by PPRACHIN, SOA

ମହେନ୍ଦ୍ର ବାବୁଙ୍କ କଥା ଶୁଣି ଚନ୍ଦନର ମାଆ କହିଲେ, "ହଉ, ଆଉ ଦିନେ ଆସି ସେ ଜିନ୍ଷ ବିଷୟରେ ମୋତେ ଟିକେ ଭଲ କରି ବୁଝେଇ ଦେବୁ।

-- ଆଚ୍ଛା ! ତମର ଏଇମିତି ଗପ ଗ୍ଢଲିଥିବ, କିଛି ଖିଆପିଆର ବ୍ୟବସ୍ଥା ହେବ ନାହିଁକି ?"

ଅପାଙ୍କ କଥା ଶୁଣି ମହେନ୍ଦ୍ରବାବୁ ଘଡ଼ିକୁ ଗ୍ଢହିଁ କହିଲେ -- "ଆରେ ବାବା ! ଯ୍ଯା' ଭିତରେ ଏତେ ସମୟ ଗ୍ଢଲିଗଲାଣି ?"

ସଦାନନ୍ଦ ବାବୁ ମଧ୍ୟ ଟିକେ ଅନ୍ୟମନସ୍କ ହୋଇ ବାହାରକୁ ଗ୍ଢହିଁଲେ । ଚନ୍ଦନ ଲକ୍ଷ୍ୟ କଲା, ସମସ୍ତେ ଉଠିବାକୁ ଇଚ୍ଛା କଲେଣି । ତେଣୁ ସେ କହିଲା - "ବାପା ! ପାହାଡ଼ ଉପରେ ତୁମେ ମୋତେ କହିଥିଲ, ମଜା କଥାଟିଏ କହିବ ବୋଲି । କାହିଁ, ସେ ମଜାକଥା ତ ଏତେ ବେଳଯାଏ କହିଲ ନାହିଁ -- ? ସେ କଥା ଆଗ କହିସାର, ତାପରେ ସମସ୍ତେ ଯିଏ ଯୁଆଡ଼େ ନିଜ କାମରେ ଯିବ ।"

ଚନ୍ଦନର କଥା ଶୁଣି ମାଆ ପଗ୍ଢରିଲେ -- "କେଉଁ ମଜା କଥା କି ?"

ସଦାନନ୍ଦ ବାବୁ ଉତ୍ତରରେ କହିଲେ -- "ତୁମକୁ ତ ଥରେ ସେ ଗପଟା କହିସାରିଛି । ବ୍ରହ୍ମର୍ଷି ବଶିଷ୍ଠ ଆଉ ରାଜର୍ଷି ବିଶ୍ୱାମିତ୍ରଙ୍କ ଝଗଡା କଥା ମ – !"

ପୁରାଣର କଥା ଶୁଣି ଚନ୍ଦନର ମାଆଙ୍କ ମୁହଁରେ ଆନନ୍ଦ ଫୁଟି ଉଠିଲା । ସେ କହିଲେ, "ହଁ-ମ, କେବେ ଥରେ ସେ ଗପଟା କହିଥିଲ ଯେ, ଆଉ ମୋ ମନେ ଅଛି ? ହଉ, ତମେ ଆଉଥରେ କହିଦିଅ । ରାମାୟଣ ଆଉ ମହାଭାରତର ଗପ ଭଳି,ଅମୃତଭରା ଗପ ଆଉ ଅଛି ?"

ମହେନ୍ଦ୍ର ବାବୁ କହିଲେ -- "ଅପା ! ଶାସ୍ତ୍ର, ପୁରାଣ ଗପ ଗୁଡାକ ଖାଲି ଅମୃତ ନୁହେଁ, ତାକୁ ଜ୍ଞାନାମୃତ କୁହାଯାଏ । ମନୋରଞ୍ଜନ ପାଇଁ ସେ ସବୁ ଗପ ଲେଖା ଯାଇନାହିଁ । ମଣିଷ ସମାଜକୁ ଶିକ୍ଷା ଦେବା ପାଇଁ ସେଥିରେ ଗପ ମାଧ୍ୟମରେ ଉପଦେଶ ମାନ ଦିଆଯାଇଛି । ତାକୁ ଯିଏ ମନେରଖି ନିଜ କାମରେ ଲଗେଇ ପାରୁଛି, ସେ ସୁଖରେ ଜୀବନ ଯାପନ କରିପାରୁଛି ।"

Source: Author, Digitized by PPRACHIN, SOA

ସଦାନନ୍ଦ ବାବୁ କହିଲେ -- "ହଁ, ସବୁ ପୁରାଣ ଶାସ୍ତ୍ର, ଧର୍ମ ପୁସ୍ତକର ମୂଳ ଲକ୍ଷ୍ୟ ସେଇୟା । ସେ ଗପଟି ଶୁଣ । ଦଶରଥ ରାଜାଙ୍କର କୁଳଗୁରୁ ବଶିଷ୍ଠ ନିଜର ସାଧନା ବଳରେ ବ୍ରହ୍ମର୍ଷି ଉପାଧି ପାଇ ସମ୍ମାନ ପାଉଥାନ୍ତି । ତାଙ୍କ ସମୟରେ ଆଉ ଜଣେ ଋଷି ବିଶ୍ୱାମିତ୍ର ନିଜ ସାଧନା ବଳରେ ରାଜର୍ଷି ଉପାଧି ପାଇଥା'ନ୍ତି । ତାଙ୍କ ମନରେ ଗର୍ବ ଆଉ ଅହଙ୍କାର ଥିବାରୁ ସେ ବଶିଷ୍ଠଙ୍କୁ ମୋଟେ ସହି ପାରୁ ନଥାନ୍ତି । ସେ ଭାବୁଥିଲେ, ମୁଁ ବଶିଷ୍ଠଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହେଁ । ତେଣୁ ମୋତେ ମଧ୍ୟ ବ୍ରହ୍ମର୍ଷି ଭାବରେ ଗ୍ରହଣ କରାଯିବା ଉଚିତ । ଏଥିପାଇଁ ସେ ଅତ୍ୟନ୍ତ ବ୍ୟାକୁଳ ହେଉଥା'ନ୍ତି । କଳେ-ବଳେ କୌଶଳେ ସେ ବଶିଷ୍ଠଙ୍କୁ ହଇରାଣ କରୁଥାନ୍ତି । କପଟ କରି ତାଙ୍କର ପୁଅମାନଙ୍କୁ ମାରି ପକାଉଥାନ୍ତି । ଏଥିରେ ବ୍ରହ୍ମର୍ଷି ବଶିଷ୍ଠ ବ୍ୟସ୍ତ ନହୋଇ ଧୈର୍ଯ୍ୟ ଧରି ରହିଥାନ୍ତି । ସେ ଜାଣିଥିଲେ, ବିଶ୍ୱାମିତ୍ର ହେଉଛନ୍ତି -- ଅଖଣ୍ଡ ଶକ୍ତିର ଅଧିକାରୀ । ଜ୍ଞାନୀ, ଗୁଣୀ ହିସାବରେ ତାଙ୍କ ସମକକ୍ଷ ସାଧକ ଏ' ବିଶ୍ୱ ବ୍ରହ୍ମାଣ୍ଡରେ ଆଉ କେହି ନାହାନ୍ତି । କେବଳ ସହିଷ୍ଣୁତା ଅଭାବରୁ ସେ ବ୍ରହ୍ମର୍ଷି ହେବାର ଯୋଗ୍ୟତା ହରାଇଛନ୍ତି ।

ବିଶ୍ୱାମିତ୍ର ଜାଣିଥିଲେ, ବ୍ରହ୍ମର୍ଷି ବଶିଷ୍ଠ ଥରେ ମାତ୍ର ତାଙ୍କୁ 'ବ୍ରହ୍ମର୍ଷି' ବୋଲି ସମ୍ବୋଧନ କରିଦେଲେ, ସେ ସର୍ବତ୍ର ବ୍ରହ୍ମର୍ଷି ଭାବରେ ପରିଚିତ ହୋଇଯିବେ । କିନ୍ତୁ ବଶିଷ୍ଠ ତାଙ୍କୁ ବାରମ୍ବାର ରାଜର୍ଷି ବୋଲି ସମ୍ବୋଧନ କରୁଥାନ୍ତି । ଏଥିରେ ବିଶ୍ୱାମିତ୍ର ବିରକ୍ତ ହୋଇ ଦୁଃଖରେ ତାଙ୍କ ପାଖରୁ ଫେରୁଥାନ୍ତି । ତା ସଙ୍ଗେ ସଙ୍ଗେ ନିଜକୁ ଭାରି ଅପମାନିତ ମନେ କରୁଥାନ୍ତି । ବଶିଷ୍ଠଙ୍କର କ୍ଷତି କରିବାକୁ ବିଭିନ୍ନ ଉପାୟ ଖୋଜି ବୁଲୁଥାନ୍ତି ।

ଥରେ ସେ ନିଜର ସାଧନା ବଳରେ ବ୍ରହ୍ମାଙ୍କ ପାଖରେ ପହଞ୍ଚି ମନ କଥା ଜଣାଇଲେ । ବ୍ରହ୍ମା ତାଙ୍କ ଉପରେ ପ୍ରସନ୍ନ ହୋଇ କହିଲେ -- "ଏଥର ବଶିଷ୍ଠ ତୁମକୁ ନିଶ୍ଚୟ ବ୍ରହ୍ମର୍ଷି ଭାବରେ ଗ୍ରହଣ କରିବେ । ମୁଁ ତୁମକୁ ଶକ୍ତି ଦେଉଛି, ବଶିଷ୍ଠଙ୍କ ଆଗରେ ଠିଆ ହୋଇ ତୁମେ ଯଦି ତିନିପାଦ ପଛକୁ ଘୁଞ୍ଚି ଆସିବ; ତେବେ ସେ ଜଳିପୋଡି ଧ୍ୱଂସ ହୋଇଯିବେ ।" ବ୍ରହ୍ମାଙ୍କ ବର ପାଇ ବିଶ୍ୱାମିତ୍ର ଗର୍ବର ସହିତ ସେଠାରୁ ଫେରି ଆସିଲେ ।

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ତାପର ଦିନ ନିଜର ଶକ୍ତି ପ୍ରୟୋଗ କରି, ବଶିଷ୍ଠଙ୍କୁ ଧ୍ୱଂସ କରିବା ପାଇଁ ବିଶ୍ୱାମିତ୍ର ବଶିଷ୍ଠଙ୍କ ଆଶ୍ରମରେ ପହଞ୍ଚିଲେ । ବ୍ରହ୍ମର୍ଷି ବଶିଷ୍ଠ ତାଙ୍କୁ ଆଦର କରି ଆଶ୍ରମ ଭିତରକୁ ପାଛୋଟି ନେଇ କହିଲେ -- "ଆସନ ଗ୍ରହଣ କରନ୍ତୁ ରାଜର୍ଷି ।"

ରାଜର୍ଷି ଶବ୍ଦ ଶୁଣିଲା ମାତ୍ରେ ବିଶ୍ୱାମିତ୍ର ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ରାଗରେ ତାଙ୍କ ଆଖିଦୁଇଟା ଦପ୍ ଦପ୍ କରି ଜଳି ଉଠିଲା । ଦେହଟା ଥରି ଉଠିଲା । ସେ ଗର୍ଜି ଉଠି କହିଲେ -- "ବଶିଷ୍ଠ ମହାଭାଗ ! ମୋତେ ତୁମେ ବାରମ୍ବାର ରାଜର୍ଷି ସମ୍ବୋଧନ କରି ଅପମାନିତ କରୁଛ, ବ୍ରହ୍ମାଙ୍କ ଶକ୍ତି ଦାନ ଫଳରେ ମୁଁ ତୁମକୁ ଧ୍ୱଂସ କରି ଦେଇପାରେ । ତେଣୁ ଶେଷଥର ପାଇଁ ମୁଁ ସୁଯୋଗ ଦେଉଛି, ତୁମେ ମୋତେ ଆଜିଠାରୁ ବ୍ରହ୍ମର୍ଷି ବୋଲି ସମ୍ବୋଧନ କର ।"

-- ରାଜର୍ଷି ବିଶ୍ୱାମିତ୍ର ! ଆପଣ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ରହ୍ମର୍ଷି ହେବାର ଯୋଗ୍ୟତା ହାସଲ କରି ପାରିନାହାନ୍ତି । ତେଣୁ .....

ବଶିଷ୍ଠଙ୍କ କଥା ନସରୁଣୁ ବିଶ୍ୱାମିତ୍ର ପୁଣି ଗର୍ଜି ଉଠି କହିଲେ -- "ଏଥର ତୁମେ ତୁମକୁ ରକ୍ଷାକର ବଶିଷ୍ଠ । ତୁମର ମୃତ୍ୟୁ ଆଜି ସୁନିଶ୍ଚିତ । ମୋର ଶକ୍ତି ତୁମକୁ ଧ୍ୱଂସ କରୁ କହି ବିଶ୍ୱାମିତ୍ର ଗୋଟିଏ ପାଦ ପଛକୁ ପକାଇଲେ । ସେ ଲକ୍ଷ୍ୟ କଲେ, ବ୍ରହ୍ମର୍ଷି ବଶିଷ୍ଠ ଅବିଚଳିତ ଭାବରେ ଧୈର୍ଯ୍ୟ ଧରି ହସ ହସ ମୁହଁରେ ତାଙ୍କୁ ଗ୍ରହିଁଛନ୍ତି । ସେ ତାଙ୍କର ସହିବା ଶକ୍ତିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ମନ ହଠାତ୍ ବଦଳି ଗଲା । ସେ ଭାବିଲେ, ପ୍ରକୃତରେ ବଶିଷ୍ଠ ହେଉଛନ୍ତି, ସମସ୍ତ ଇନ୍ଦ୍ରିୟଙ୍କର ଶାସକ । ତାଙ୍କ ତୁଳନାରେ ମୁଁ କେତେ ଅସହାୟ । ସାମାନ୍ୟ ରାଜର୍ଷି ସମ୍ବୋଧନରେ ମୁଁ ବିଚଳିତ ହୋଇପଡୁଛି । କିନ୍ତୁ ବ୍ରହ୍ମର୍ଷି ବଶିଷ୍ଠ ମୋର ସମସ୍ତ ଅତ୍ୟାଗ୍ରରକୁ ଧୈର୍ଯ୍ୟର ସହ ସହି ନେଇଛନ୍ତି, ଯାହା ମୋ ଦ୍ୱାରା ସମ୍ଭବ ହୋଇପାରି ନଥାନ୍ତା ।

ଏଭଳି ଚିନ୍ତା କରୁ କରୁ ସେ ବଶିଷ୍ଠଙ୍କ ପାଦତଳେ ଲମ୍ବ ହୋଇ ପଡ଼ିଗଲେ । କହିଲେ -- "ମୋତେ କ୍ଷମା କରନ୍ତୁ -- ବ୍ରହ୍ମର୍ଷି । ମୋର ପାପକର୍ମ ପାଇଁ ଉଚିତ ଦଣ୍ଡ ଦିଅନ୍ତୁ । ମୋର ବ୍ରହ୍ମର୍ଷି ପଦ ମୋଟେ ଲୋଡ଼ା ନାହିଁ ।"

Source: Author, Digitized by PPRACHIN, SOA

ବଶିଷ୍ଠ ନିଜ ଆସନରୁ ଉଠିପଡି ବିଶ୍ୱାମିତ୍ରଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇ କହିଲେ -- ''ଧୈର୍ଯ୍ୟ ଧରନ୍ତୁ ବ୍ରହ୍ମର୍ଷି ବିଶ୍ୱାମିତ୍ର । ବର୍ତ୍ତମାନ ଠାରୁ ଆପଣ ବ୍ରହ୍ମର୍ଷି ହେବାର ଯୋଗ୍ୟତା ଲାଭ କରିଛନ୍ତି । କାରଣ, ବର୍ତ୍ତମାନ ଯାଏ, ଆପଣ ଅହଙ୍କାର ଏବଂ ଅସହିଷ୍ଣୁଭାବକୁ ଯାବୁଡ଼ି ଧରିଥିଲେ । ଫଳରେ ପରଶ୍ରୀ କାତରତା ଆପଣଙ୍କୁ ବ୍ରହ୍ମ ସହିତ ଚିହ୍ନାଇ ଦେଉ ନଥିଲା । ଏବେ ଆପଣଙ୍କ ଆତ୍ମାର ଶୁଦ୍ଧି ହୋଇଛି । ତେଣୁ ଆପଣ ବ୍ରହ୍ମର୍ଷି ହୋଇ ପାରିଛନ୍ତି ।''

ବଶିଷ୍ଠଙ୍କ କଥା ଶୁଣି ବିଶ୍ୱାମିତ୍ର ଲଜ୍ଜାରେ ମୁଣ୍ଡ ନୁଆଁଇ ଦେଲେ । ବ୍ରହ୍ମା ଆସି ସେଇଠି ପହଞ୍ଚି ତାଙ୍କୁ ବ୍ରହ୍ମର୍ଷି ପଦରେ ଅଭିଷିକ୍ତ କରାଇଲେ ।''

''ବାଃ ! ବହୁତ ବଢ଼ିଆ ଲାଗିଲା । ଏମିତିକା ଶିକ୍ଷଣୀୟ ମଜାଗପ ମୁଁ ଆଗରୁ କେବେ ଶୁଣି ନଥିଲି ।'' ହଠାତ୍ ମହେନ୍ଦ୍ର ବାବୁ କହି ପକାଇଲେ । ଚନ୍ଦନ ଜାଣି ପାରିଲା, ଗପଟା ଏଇଠି ଶେଷ ହୋଇଗଲା । ସେ କହିଲା -- ''ମାମୁ ! ଆମ ସ୍କୁଲର ପ୍ରଧାନ ଶିକ୍ଷକ ଥରେ ଆମକୁ ଏଇମିତି ଗୋଟାଏ ପୁରାଣ ଗପ କହିଥିଲେ । ସେ ବି ବହୁତ ବଢ଼ିଆ ଗପ ।''

ଗପ ଶୁଣିବାକୁ ବନ୍ଦନାର ସବୁଠୁ ବେଶି ଆଗ୍ରହ । ସେ କହିଲା -- ''ଭାଇ ! ମୋତେ ତ ସେ ଗପଟା କେବେ ଆଗରୁ କହିନାହୁଁ ? ଏବେ କହ । ଆମେ ସମସ୍ତେ ସେ ଗପଟାକୁ ଶୁଣିବୁ ।''

ମହେନ୍ଦ୍ର ବାବୁ ବନ୍ଦନା କଥାକୁ ସମର୍ଥନ କରି କହିଲେ -- ''ବାପା, ମାଆ, ଆଉ ମୋ ଠାରୁ ତ ତମେ ଦି' ଜଣ ଗପ ଶୁଣି ସାରିଲଣି । ଏବେ ଚନ୍ଦନ ଗପଟି କହୁ । ଆମେ ଶୁଣିବୁ ।''

ଚନ୍ଦନର ମାଆ ଟିକେ ହସି ଦେଇ କହିଲେ -- ''ହଁ, ଚନ୍ଦନ ତ ଭଲ ଗପ କହିପାରେ । ଗପ ବହି ଖଣ୍ଡେ ପାଇଗଲେ ନା' ଖାଇବା ପିଇବା ଭୁଲିଯାଏ ।''

-- ''ହଉ, ସେ ଗପଟା କ'ଣ ଆରମ୍ଭ କର । ଯଦି କେଉଁଠି ଭୁଲ୍ ହୋଇଯାଏ କି' ମନେ ନପଡେ, ମୁଁ ତୋତେ ମନେ ପକାଇ ଦେବି ।'' ବାପା ସାହସ ଦେଲେ ।

Source: Author, Digitized by PPRACHIN, SOA

ବାପା, ମାଆ, ମାମୁ ଏବଂ ବନ୍ଦନାର ଆଗ୍ରହ, ଉତ୍ସାହ ଦେଖି ଚନ୍ଦନ ଶୁଣିଥିବା ଗପଟିକୁ ଆରମ୍ଭ କରି କହିଲା। --

''ଏ' ଗପଟି ଭାଗବତରେ ଅଛି। ଥରେ ସରସ୍ୱତୀ-ନଦୀ କୂଳରେ ଋଷିମାନଙ୍କର ଗୋଟାଏ ସଭା ବସିଥାଏ। ସଭା ଆରମ୍ଭରେ କେଉଁ ଦେବତାଙ୍କର ବନ୍ଦନା ଗାନ କରାଯିବା ଉଚିତ୍, ତାକୁ ନେଇ ଋଷିମାନଙ୍କ ମଧ୍ୟରେ ତର୍କ-ବିତର୍କ ଲାଗିଗଲା। କିଏ କହିଲେ, ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା, ତାଙ୍କ ପାଇଁ ଏ' ବିଶ୍ୱ ବ୍ରହ୍ମାଣ୍ଡର ପ୍ରାଣୀ ଜଗତ ସୃଷ୍ଟି ହୋଇଛି; ତେଣୁ ସେ ହେଉଛନ୍ତି, ଅଗ୍ରପୂଜ୍ୟ ଦେବତା। କେତେଜଣ ଶିବଭକ୍ତ ଋଷି କହିଲେ -- ସଂହାର କର୍ତ୍ତା ଶିବ ହେଉଛନ୍ତି, ଆଶୁତୋଷ। ସାମାନ୍ୟ ଜଳଦାନରେ ସେ ତୁଷ୍ଟ ହୁଅନ୍ତି। ସବୁ କିଛି ତ୍ୟାଗ କରି ସେ ଶ୍ମଶାନ-ବାସୀ। ତେଣୁ ତାଙ୍କ ସମକକ୍ଷ ଦେବତା ଆଉ କେହି ନାହାଁନ୍ତି। ତାଙ୍କର ବନ୍ଦନା ପ୍ରଥମେ ଗାନ କରାଯିବା ଠିକ୍ ହେବ।

ବିଷ୍ଣୁଭକ୍ତମାନେ କହିଲେ -- ଜଗତର ନାଥ ହେଉଛନ୍ତି -- ବିଷ୍ଣୁ। ସେ ପାଳନକର୍ତ୍ତା ଭାବେ ସମଗ୍ର ବିଶ୍ୱର ପ୍ରାଣୀ ଜଗତର ଦୁଃଖ ସୁଖ ବୁଝନ୍ତି। ତେଣୁ ସେ ହେଉଛନ୍ତି, ସମସ୍ତଙ୍କର ଇଷ୍ଟ ଦେବତା। ତାଙ୍କର ବନ୍ଦନା ଆଗ ଆରମ୍ଭ ହେଉ।

ବିଭିନ୍ନ ଯୁକ୍ତି ତର୍କ ପରେ ଋଷିମାନେ ସ୍ଥିର କଲେ, ବ୍ରହ୍ମାଙ୍କ ବଂଶର ଜଣେ ମହର୍ଷି ଭୃଗୁଙ୍କୁ ଏହି ଦ୍ୱନ୍ଦ୍ୱର ନିଷ୍ପତ୍ତି ପାଇଁ ଦାୟିତ୍ୱ ଦିଆଯିବ। ସେ ତିନିଜଣ ମୁଖ୍ୟ ଦେବତାଙ୍କୁ ସାକ୍ଷାତ କରି ଯେଉଁ ଦେବତାଙ୍କୁ ଶ୍ରେଷ୍ଠ ଘୋଷଣା କରିବେ, ତାକୁ ସମସ୍ତେ ମାନି ନେବେ।

ଭୃଗୁ ମହର୍ଷି ନିଜ ସାଧନା ବଳରେ ଚଉଦ ବ୍ରହ୍ମାଣ୍ଡ ଭ୍ରମଣ କରିପାରନ୍ତି। ସେ ଋଷିମାନଙ୍କ ଅନୁରୋଧରେ ଗୁରୁଦାୟିତ୍ୱ ବହନ କଲେ। ପ୍ରଥମେ ସେ ନିଜର ପିତାମହ ବ୍ରହ୍ମାଙ୍କ ପାଖରେ ପହଞ୍ଚି ଠିଆହେଲେ। ବ୍ରହ୍ମା ନିଜ ବଂଶର ମହର୍ଷିଙ୍କୁ ଦେଖି ଭାବିଥିଲେ, ତାଙ୍କୁ ଭୃଗୁ ପ୍ରଣାମ କରିବେ। କିନ୍ତୁ ଭୃଗୁ ତାଙ୍କୁ ପ୍ରଣାମ ନକରିବାରୁ ବ୍ରହ୍ମା ରାଗରେ ଜଳିଉଠିଲେ। ନିଜ ବଂଶର ଋଷି ହୋଇଥିବାରୁ

Source: Author, Digitized by PPRACHIN, SOA

ସେ ଭୃଗୁଙ୍କର କିଛି କ୍ଷତି କଲେ ନାହିଁ; କିନ୍ତୁ ତାଙ୍କ ଉପରେ ସେ ବିରକ୍ତି ଭାବ ପ୍ରକାଶ କଲେ ।

ମହର୍ଷି ବ୍ରହ୍ମାଙ୍କ ଠାରୁ ବିଦାୟ ନେଇ କୈଳାସ ପୁରରେ ପହଞ୍ଚିଲେ । ଶିବ ତପସ୍ୟା ଦ୍ୱାରା ଜାଣିପାରିଲେ, ଭୃଗୁ ତାଙ୍କୁ ପରୀକ୍ଷା କରିବାକୁ ଆସୁଛନ୍ତି । ତେଣୁ ସେ ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ । ଭୃଗୁ ମହର୍ଷିଙ୍କୁ ଦେଖି ସେ ଆଲିଙ୍ଗନ କରିବାକୁ ଆଗେଇ ଆସିଲେ । ଶିବଙ୍କର ବେଶଭୂଷା ଦେଖି ଭୃଗୁ ମହର୍ଷି କହିଲେ - 'ତୁମେ ବେଦର ମର୍ଯ୍ୟାଦା ରକ୍ଷା କରି ଜାଣନା । ତୁମର ଆଲିଙ୍ଗନ ଗ୍ରହଣୀୟ ନୁହେଁ ।'

ଭୃଗୁଙ୍କ କଥା ଶୁଣି ଶିବ ରାଗରେ ଜଳି ଉଠିଲେ । ମହାଶକ୍ତି ତ୍ରିଶୂଳ ଉଠାଇ ସେ ମହର୍ଷିଙ୍କୁ କୈଳାସ ପୁରରୁ ତଡ଼ି ଦେଲେ ।

ଶିବଙ୍କ ତ୍ରିଶୂଳ ଭୟରେ ଛାନିଆଁ ହୋଇ ଭୃଗୁ ବିଷ୍ଣୁପୁରରେ ପହଞ୍ଚିଲେ । ସେଠାରେ ବିଷ୍ଣୁ ଅନନ୍ତ-ଶୟନରେ ଗାଢ଼ ନିଦ୍ରା ଯାଇଥାନ୍ତି । ମହର୍ଷି ଭୃଗୁଙ୍କର ଡାକ ତାଙ୍କ କାନରେ ବାଜିଲା ନାହିଁ । ସେ ରାଗରେ ବିଷ୍ଣୁଙ୍କ ଛାତିରେ ଗୋଇଠାଏ ମାରିଲେ । ଗୋଇଠା ମାଡ଼ରେ ତାଙ୍କର ନିଦ୍ରାଭଙ୍ଗ ହେଲା । ସେ ଉଠିପଡ଼ି ଭୃଗୁଙ୍କ ପାଦକୁ ଆଉଁସି ଦେଇ କହିଲେ -- "ମହର୍ଷି ! ମୋତେ କ୍ଷମା କରିଦିଅନ୍ତୁ । ଅତିଥି ସତ୍କାରରେ ମୋର ତ୍ରୁଟି ହୋଇଯାଇଛି । ମୋତେ ସଚେତନ କରାଇ ଦେବାକୁ ଯାଇ ଆପଣଙ୍କ କୋମଳ ପାଦକୁ କଷ୍ଟ ଦେଇଛନ୍ତି । ମୋ ଛାତି ତ ବଜ୍ରଠାରୁ କଠିନ । ତେଣୁ ମୋତେ କ୍ଷମା କରି ଦିଅନ୍ତୁ । ଆପଣଙ୍କ ପାଦବାଜି ଥିବା ସ୍ଥାନରେ ଲକ୍ଷ୍ମୀ ଆଜି ଠାରୁ ବାସ କରିବେ । ଏଇ ଚିହ୍ନ ଯୁଗ ଯୁଗ ପାଇଁ ଆପଣଙ୍କର ଗୁଣଗାନ କରୁଥିବ ।"

ବିଷ୍ଣୁଙ୍କ ଠାରୁ ବିଦାୟ ନେଇ ମହର୍ଷି ଭୃଗୁ ସରସ୍ୱତୀ-ନଦୀକୂଳକୁ ଫେରି ଆସି ସମସ୍ତ ବିବରଣୀ ଦେଲେ । ଋଷିମାନେ ବିଷ୍ଣୁଙ୍କର ବନ୍ଦନା ଗାଇ ସଭା କାର୍ଯ୍ୟ ଆରମ୍ଭ କଲେ ।"

Source: Author, Digitized by PPRACHIN, SOA

ଚନ୍ଦନର କଥା ସରିଛି କି ନାହିଁ । ସଦାନନ୍ଦ ବାବୁ କହିଲେ -- "ଏବେ ତୁ ନିଜେ ବୁଝିପାରିଲୁ ତ ? ସହନଶୀଳତାର ଗୁଣ କେତେ ? ଏହି ଗପ ହେଉଛି-ତାର ଶ୍ରେଷ୍ଠ ଉଦାହରଣ । ତେଣୁ ତୁ ଯଦି ବଡ ମଣିଷ ହେବାକୁ ଚାହୁଁଥାଉ, ତେବେ ପର କଥାରେ ବିଚଳିତ ନହୋଇ, ସହି ଯିବାର ଅଭ୍ୟାସ କର । ଦେଖିବୁ ପାହାଡ଼ ପରି ତୁ ସବୁଦିନ ମଥା ଟେକି ରହିଥିବୁ । ସହନଶୀଳତା ଫଳରେ ତୁ ବିଷ୍ଣୁଙ୍କ ପରି ସୁନାମ ଅର୍ଜନ କରିପାରିବୁ ।"

ଚନ୍ଦନ କହିଲା -- "ହଁ ବାପା ! ମୁଁ ଏଥର ମୋର ଭୁଲ ବୁଝିପାରିଛି । କାଲିଠାରୁ ମୁଁ ନିୟମିତ ସ୍କୁଲକୁ ଯିବି । ଭଲ ପାଠ ପଢ଼ିବି । ସମସ୍ତ ସାଙ୍ଗପିଲାଙ୍କ ସହିତ ମିଳିମିଶି ହସ ଖୁସିରେ ଚଳିବି । ସେମାନେ ମୋତେ ଚକୁଳି ଚକୁଳି କହି ଚିଡ଼ଉଥିଲେ, ମୁଁ ହସି ହସି ତାକୁ ସହିଯିବି । ଦେଖିବି, କେତେଦିନ ସେମାନେ ମୋତେ ଚିଡ଼େଇ ପାରୁଛନ୍ତି ?"

ଏକ ସଙ୍ଗେ ବାପା ଆଉ ମାମୁ କହିଲେ -- 'ସାବାସ୍ !' ମାଆ କହିଲେ, "ତୁ ଯଦି ସହିବା ଶିଖିପାରିବୁ, ତେବେ ତୋର ସବୁବେଳେ ଜୟଲାଭ ହେବ । ରାତି ଆସି କେତେ ହେଲାଣି ଦେଖୁଛ ? ହଉ, ସମସ୍ତେ ଉଠ । ଆଜି ଆଉ ରୋଷେଇ କରି ପାରିବି ନାହିଁ ।"

ମହେନ୍ଦ୍ର ବାବୁ କହିଲେ -- "ଅପା ! ଆଜି ଆଉ ତୋତେ ରୋଷେଇ କରିବାକୁ ପଡ଼ିବ ନାହିଁ । ସେ ବ୍ୟାଗ୍‌ରେ କେତେ ପ୍ରକାର ଖାଇବା ଜିନିଷ ଅଛି ଆଗ ଦେଖ । ନାତି, ନାତୁଣୀଙ୍କ ପାଇଁ ବୋଉ ମୋ ହାତରେ ଦେଇ ପଠାଇଛି ।"

ଚନ୍ଦନ ଆଉ ବନ୍ଦନା ମାମୁଙ୍କ କଥା ଶୁଣି ଆନନ୍ଦରେ ଉଠି ପଡ଼ିଲେ ।

Source: Author, Digitized by PPRACHIN, SOA

ଏଇ ଲେଖକଙ୍କ ଅନ୍ୟାନ୍ୟ କୃତି

- ବଣଭୋଜି (ଜାତୀୟ ପୁରସ୍କାର ପ୍ରାପ୍ତ ଶିଶୁ ଉପନ୍ୟାସ)
- ଫୁଲସବୁ ଫୁଟିଲେ (ଜାତୀୟ ପୁରସ୍କାର ପ୍ରାପ୍ତ ଶିଶୁ କବିତା)
- କିଏରେ ତୁହି କିଏ (ସଚିତ୍ର ଶିଶୁ କବିତା)
- ଜାଦୁକର (ଶିଶୁ-କିଶୋର ଉପନ୍ୟାସ)
- ଆସ ନାଟକ କରିବା (ଶିଶୁ-କିଶୋର ନାଟକ)
- ଚନ୍ଦନ ଚକୁଳି (ଶିଶୁ-କିଶୋର ଉପନ୍ୟାସ)
- ସହିଦ ଗ୍ରନ୍ଥାବଳୀ (ସହିଦଙ୍କର ଜୀବନୀ)
- ସଦାନନ୍ଦବାବୁଙ୍କ ସଂସାର (ଲଳିତ ଗଳ୍ପମାଳା)
- ଶୁଣିମା ହେଉ (ଲଳିତ ଗଳ୍ପମାଳା)
- ପଞ୍ଚାମୃତ (ଶିଶୁ ଗଳ୍ପ)
- ବଢିଆମଜା (ହସ କୌତୁକଭରା ଶିଶୁଗଳ୍ପ)
- ରାଉରକେଲା ଦର୍ପଣ (ଇଂରାଜୀ ଓ ଓଡିଆରେ ପ୍ରକାଶିତ)
- କେନ୍ଦୁଝର ଦର୍ପଣ (ଜିଲ୍ଲା ପରିକ୍ରମା)
- ବଣ ମୁଲକର ବିଚାର (ଶିଶୁ ନାଟକ)

ପ୍ରାପ୍ତିସ୍ଥାନ: ଅରୁଣ-ତରୁଣ, ଆକାଶବାଣୀ ମାର୍ଗ
ରାଉରକେଲା - ୭୬୯ ୦୪୨

Source: Author, Digitized by PPRACHIN, SOA